Odia Daily

www.theutkalsamachar.com

ଉତ୍କଳ ସମାଚାର

ବୈପ୍ଳବିକ ଚେତନାର ମୁଖପତ୍ର

THE UTKAL SAMACHAR

PUBLISHED FROM ROURKELA, SAMBALPUR & BHUBANESWAR

Postal Regn. No.OR/SUN-07/2007-09 ◆ RNI. Regd. No.ORIORI/2004/17448

✦Vol - 21✦ Issue No:306✦6 March 2026 (Friday) ✦ Rourkela ✦ Rs.2.00 ✦ Page -1 ✦୨୧ ବର୍ଷ ✦ସଂଖ୍ୟା:୩୦୬✦୬ ମାର୍ଚ୍ଚ ୨୦୨୬ (ଶୁକ୍ରବାର)✦ ରାଉରକେଲା ✦ମୂଲ୍ୟ:ଟ.୨.୦୦✦ ପୃଷ୍ଠା-୬

ସାମରିକ ଶକ୍ତି ପ୍ରତ୍ୟେକ ସମସ୍ୟାର ସମାଧାନ ନୁହେଁ:

ଇରାନ ଯୁଦ୍ଧ ନେଇ କହିଲେ ପ୍ରଧାନମନ୍ତ୍ରୀ ମୋଦୀ

ନୂଆଦିଲ୍ଲୀ,୫/୩: ଇରାନ-ଆମେରିକା ଓ ଇସ୍ରାଏଲ ଯୁଦ୍ଧ ମଧ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବିଶ୍ୱକୁ ଏକ ବାର୍ତ୍ତା ଦେଇଛନ୍ତି । ସେ କହିଛନ୍ତି, କେବଳ ସାମରିକ ଶକ୍ତି ପ୍ରତ୍ୟେକ ସମସ୍ୟାର ସମାଧାନ କରିପାରିବ ନାହିଁ । ସେ ସ୍ପଷ୍ଟ କରିଥିଲେ ଯେ ସାମରିକ କାର୍ଯ୍ୟାନୁଷ୍ଠାନ ନୁହେଁ, ଶାନ୍ତି ଏବଂ ଆଲୋଚନା ହିଁ ଆଗକୁ ବଢ଼ିବାର ପଥ । ପ୍ରଧାନମନ୍ତ୍ରୀ ମୋଦୀ ରୁଷ ଏବଂ ୟୁକ୍ରେନ, ଇରାନ, ଆମେରିକା ଏବଂ ଇସ୍ରାଏଲ ମଧ୍ୟରେ ଚାଲିଥିବା ବିବାଦ ସମ୍ପର୍କରେ ଏଭଳି ବିବୃତି ଦେଇଛନ୍ତି। ପ୍ରଧାନମନ୍ତ୍ରୀ କହିଛନ୍ତି, ନିୟମ କାନୁନ୍, ଆଲୋଚନା ତଥା କୂଟନୀତି ଯେକୌଣସି ବିବାଦର ସମାଧାନର ଏକମାତ୍ର ରାସ୍ତା। ଗୁରୁବାର ଦିଲ୍ଲୀରେ ଫିନଲାଣ୍ଡ ରାଷ୍ଟ୍ରପତି ଆଲେକଜାଣ୍ଡାର ଷ୍ଟବ୍‌ଙ୍କ ସହ ଏକ ମିଳିତ ସାମ୍ବାଦିକ ସମ୍ମିଳନୀରେ ସେ ଏହି ବିବୃତି ଦେଇଛନ୍ତି । ବିଶ୍ୱସ୍ତରୀୟ ଚ୍ୟାଲେଞ୍ଜ ବିଷୟରେ ଉଲ୍ଲେଖ କରି ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି, ବିଶ୍ୱକୁ ଏବେ ପୁରୁଣା ବିଶ୍ୱସ୍ତରୀୟ ପ୍ରତିଷ୍ଠାନଗୁଡ଼ିକର ସଂସ୍କାରର ଅତ୍ୟନ୍ତ ଆବଶ୍ୟକତା ଅଛି। ସଂସ୍କାର କେବଳ ଆବଶ୍ୟକ ନୁହେଁ, ବରଂ ଏହା ବହୁତ ଶୀଘ୍ର କରାଯିବା ଆବଶ୍ୟକ। ସମସ୍ତ ପ୍ରକାରର ଆତଙ୍କବାଦକୁ ମୂଳୋତ୍ପାଟନ କରିବା ପାଇଁ ଆମର ମିଳିତ ପ୍ରତିବଦ୍ଧତା ରହିଛି ।ସେ ଜାନୁଆରିରେ ୟୁରୋପୀୟ ସଂଘ ସହିତ ହୋଇଥିବା ଐତିହାସିକ ବାଣିଜ୍ୟ ଚୁକ୍ତିନାମା ବିଷୟରେ ଉଲ୍ଲେଖ କରି କହିଛନ୍ତି, ଅସ୍ଥିରତା ସମୟରେ ଭାରତ-ୟୁରୋପ ସମ୍ପର୍କ ଏକ ସୁବର୍ଣ୍ଣ ଯୁଗରେ ପ୍ରବେଶ କରୁଛି। ଉଭୟ ମହାଶକ୍ତି ବିଶ୍ୱ ସ୍ଥିରତା, ଅଭିବୃଦ୍ଧି ଏବଂ ସମୃଦ୍ଧି ପାଇଁ ନୂତନ ପ୍ରେରଣା ପ୍ରଦାନ କରୁଛନ୍ତି । ପ୍ରଧାନମନ୍ତ୍ରୀ ଫିନଲାଣ୍ଡ ସହିତ ରଣନୈତିକ ସହଭାଗୀତାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଛନ୍ତି। ଦୁଇ ଦେଶ ଦ୍ୱିପାକ୍ଷିକ ସମ୍ପର୍କକୁ ନୂତନ ଉଚ୍ଚତାରେ ପହଞ୍ଚାଇବା ପାଇଁ ଅନେକ ଚୁକ୍ତି ସ୍ୱାକ୍ଷର କରିଥିବା ସେ ଦୋହରାଇଛନ୍ତି । ବିଶ୍ୱସ୍ତରୀୟ ଚ୍ୟାଲେଞ୍ଜ ବିଷୟରେ ଉଲ୍ଲେଖ କରି ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି, ବିଶ୍ୱକୁ ଏବେ ପୁରୁଣା ବିଶ୍ୱସ୍ତରୀୟ ପ୍ରତିଷ୍ଠାନଗୁଡ଼ିକର ସଂସ୍କାରର ଅତ୍ୟନ୍ତ ଆବଶ୍ୟକତା ଅଛି। ସଂସ୍କାର କେବଳ ଆବଶ୍ୟକ ନୁହେଁ, ବରଂ ଏହା ବହୁତ ଶୀଘ୍ର କରାଯିବା ଆବଶ୍ୟକ। ସମସ୍ତ ପ୍ରକାରର ଆତଙ୍କବାଦକୁ ମୂଳୋତ୍ପାଟନ କରିବା ପାଇଁ ଆମର ମିଳିତ ପ୍ରତିବଦ୍ଧତା ରହିଛି। ସେ ଜାନୁଆରିରେ ୟୁରୋପୀୟ ସଂଘ ସହିତ ହୋଇଥିବା ଐତିହାସିକ ବାଣିଜ୍ୟ ଚୁକ୍ତିନାମା ବିଷୟରେ ଉଲ୍ଲେଖ କରି କହିଛନ୍ତି, ଅସ୍ଥିରତା ସମୟରେ ଭାରତ-ୟୁରୋପ ସମ୍ପର୍କ ଏକ ସୁବର୍ଣ୍ଣ ଯୁଗରେ ପ୍ରବେଶ କରୁଛି।

ଏକାଠି ନାମାଙ୍କନ ଭରିଲେ ସଂତୃପ୍ତ ମିଶ୍ର ଏବଂ ଡ. ଦତେଶ୍ୱର ହୋତା

ଭୁବନେଶ୍ୱର,୫।୩(ନି/ପ୍ର): ମିଳିମିଶି ଭରିଲେ ନାମାଙ୍କନ। ସଂତୃପ୍ତ ମିଶ୍ର ଏବଂ ଡ. ଦନେଶ୍ୱେର ହୋତା ଏକାସାଙ୍ଗ ଭରିଲେ ନାମାଙ୍କାନ । ଏହି ନାମାଙ୍କନ ଦାଖଲ ସମୟରେ ଦେଖିବାକୁ କିଛି ରୋଚକ ଦୃଶ୍ୟ । ପରସ୍ପର ବିରୋଧୀ ଥିବା ଦୁଇ ଦଳର ଦୁଇ ନେତା ଏକାଠି ଗୋଟିଏ ଜାଗାରେ ବସିଥିଲେ । ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ଏବଂ ପିସିସି ସଭାପତି ଭକ୍ତ ଦାସ ଏକାଠି ବସିଥିବାର ଦେଖିବାକୁ ମିଳିଥିଲା ।ରାଜ୍ୟରେ ଏବେ ରାଜ୍ୟସଭା ରାଜନୀତି । ରାଜ୍ୟସଭା ନିର୍ବାଚନ ପାଇଁ ଗୁରୁବାର ଥିଲା ନାମାଙ୍କନ ଦାଖଲର ଶେଷ ଦିନ। ଏହିକ୍ରମରେ ୩ୟ ଆସନ ପାଇଁ ବିଜେଡି ପ୍ରାର୍ଥୀ ସଂତୃପ୍ତ ମିଶ୍ର ଏବଂ ୪ର୍ଥ ସିଟ୍ ପାଇଁ କମନ କ୍ୟାଣ୍ଡେଡେଟ୍ ଥିବା ଡ. ଦନେଶ୍ୱର ହୋତା ନାମାଙ୍କନ ଭରିଛନ୍ତି । ପ୍ରଥମେ ସଂତୃପ୍ତ ମିଶ୍ର ନାମାଙ୍କନ ଭରିଥିଲେ । ଏହାପରେ ଡ. ହୋତା ନାମାଙ୍କନ ଭରିଥିଲେ । ତେବେ ଏହି ନାମାଙ୍କନ ଦାଖଲ ସମୟରେ ଦେଖିବାକୁ ମିଳିଥିଲା କିଛି ରୋଚକ ଦୃଶ୍ୟ। ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ଏବଂ ପିସିସି ସଭାପତି ଭକ୍ତଚରଣ ଦାସ ଏକାଠି ବସିଥିବାର ଦେଖିବାକୁ ମିଳିଥିଲା। ଯାହାକି ଖୁବ କମ ଦେଖିବାକୁ ମିଳେ। ପରସ୍ପରକୁ ଆରୋପ ଓ ପ୍ରତ୍ୟାରୋପ କରୁଥିବା ଦଳ ଏବେ ଏକାଠି ବସିଛନ୍ତି।

ନାମାଙ୍କନ ଭରିଲେ ଦିଲ୍ଲୀପ ରାୟ

ଭୁବନେଶ୍ୱର,୫।୩ (ନି/ପ୍ର): ନାମାଙ୍କନ ଭରିଲେ ଦିଲ୍ଲୀପ ରାୟ। ରାଜ୍ୟସଭା ନିର୍ବାଚନ ପାଇଁ ନାମାଙ୍କନ ଭରିଲେ ଦିଲ୍ଲୀପ ରାୟ। ଦିଲ୍ଲୀପ ରାୟଙ୍କ ନାମାଙ୍କନ ଦାଖଲ ସମୟରେ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ ସମେତ ବହୁ ବରିଷ୍ଠ ନେତା ଉପସ୍ଥିତ ରହିଥିଲେ । ରାଜ୍ୟସଭା ରାଜନୀତି । ଗୁରୁବାର ନାମାଙ୍କନ ଭରୁଛନ୍ତି ସବୁଦଳର ପ୍ରାର୍ଥୀ ଏବଂ ସ୍ୱାଧୀନ ନେତା । ପ୍ରଥମେ ବିଜେଡିର ସଂତୃପ୍ତ ମିଶ୍ର, ପରେ କମନ୍ କ୍ୟାଣ୍ଡିଡେଟ୍ ଡ. ଦନେଶ୍ୱର ହୋତା ନାମାଙ୍କନ ଦାଖଲ କରିଥିଲେ । ଏହାର କିଛି ସମୟ ପରେ ବିଜେପିର ଦୁଇ ପ୍ରାର୍ଥୀ ମନମୋହନ ସାମଲ ଏବଂ ସୁଜିତ କୁମାର ପ୍ରାର୍ଥୀ ପତ୍ର ଦାଖଲ କରିଥିଲେ । ଆଉ ଏବେ ସ୍ୱାଧୀନ ପ୍ରାର୍ଥୀ ଭାବେ ନାମାଙ୍କନ ଭରିଛନ୍ତି ବରିଷ୍ଠ ରାଜନେତା ଦିଲ୍ଲୀପ ରାୟ । ତେବେ ନାମାଙ୍କନ ଭରିବା ସମୟରେ ଦିଲ୍ଲୀପ ରାୟ କହିଛନ୍ତି ଯେ, ଆଜିଠୁ ଆରମ୍ଭ ହେଲା, କିଛି ଦିନ ପରେ ଜଣାପଡିବ କେମିତି ଚାଲିଛି । କିଏ ସମର୍ଥନ ଦେବେ ମୁଁ ଜାଣିନି । ବିଜେଡି କଂଗ୍ରେସ ମିଶିବା ପ୍ରସଙ୍ଗରେ କହିଲେ ଆମେ ବି ମିଶେଇ ଦେବୁ। ସେହିପରି ରାଜ୍ୟ ସଭାପତି ମନମୋହନ ସାମଲ ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଅଶେଷ ଅଶେଷ ଧନ୍ୟବାଦ ।

ରାଜ୍ୟସଭା ପାଇଁ ନାମାଙ୍କନ ଭରିଲେ ନୀତିଶ

ନୂଆଦିଲ୍ଲୀ,୫/୩: ବିହାର ମୁଖ୍ୟମନ୍ତ୍ରୀ ନୀତିଶ କୁମାର ରାଜ୍ୟସଭା ପାଇଁ ନାମାଙ୍କନ ଦାଖଲ କରିଛନ୍ତି। ଏହି ଅବସରରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ, ବିଜେପି ସଭାପତି ନୀତିନ ନବୀନ ଏବଂ ଉପମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧୁରୀ ପ୍ରମୁଖ ଉପସ୍ଥିତ ଥିଲେ। ମୁଖ୍ୟମନ୍ତ୍ରୀ ନୀତିଶ କୁମାରଙ୍କ ରାଜ୍ୟସଭାରେ ପ୍ରବେଶ ବିହାରରେ ନୂତନ ସରକାରଙ୍କର ସ୍ଲୋଗାନ ହେବ। ମୁଖ୍ୟମନ୍ତ୍ରୀଙ୍କଠାରୁ କ୍ୟାବିନେଟ ପର୍ଯ୍ୟନ୍ତ ଏକ ବଡ଼ ପରିବର୍ତ୍ତନ ହେବ। ତଥାପି ନୀତିଶଙ୍କ ଏହି ନିଷ୍ପତ୍ତି ଜେଡିୟୁ କର୍ମୀଙ୍କ ମଧ୍ୟରେ ପ୍ରବଳ ଅସନ୍ତୋଷ ସୃଷ୍ଟି କରୁଛି। ଦଳବ୍ୟତୀତ ଆରଜେଡି ମଧ୍ୟ ନୀତିଶ କୁମାର ଏବଂ ବିଜେପିକୁ ଟାର୍ଗେଟ କରୁଛି। ଆରଜେଡି ନେତା ଶକ୍ତି ସିଂହ ଯାଦବ କହିଛନ୍ତି ଯେ ୨୦୨ ଆସନରେ ଜିତି କ୍ଷମତାକୁ ଆସିଥିବା ମୁଖ୍ୟମନ୍ତ୍ରୀଙ୍କୁ ରାଜ୍ୟସଭା ପଠାଯାଉଛି। ଏବେ ନୀତିଶ କୁମାରଙ୍କ ପୁଅଙ୍କୁ ଉପମୁଖ୍ୟମନ୍ତ୍ରୀ ପଦ ପାଇଁ ଲୋଭ ଦେଖାଯାଉଛି। ସେପଟେ ରାଜ୍ୟସଭାରେ ଯୋଗଦେବାର କାରଣ ପ୍ରକାଶ କରି ନୀତିଶ କୁମାର ଲେଖିଛନ୍ତି ଯେ ଯେତେବେଳେ ମୁଁ ମୋର ସଂସଦୀୟ କ୍ୟାରିଅର ଆରମ୍ଭ କରିଥିଲି, ସେତେବେଳେ ମୋ ମନରେ ବିହାର ବିଧାନସଭାର ଉଭୟ ଗୃହ ଏବଂ ସଂସଦର ଉଭୟ ଗୃହର ସଦସ୍ୟ ହେବାକୁ ଇଚ୍ଛା ଥିଲା। ମୁଁ ଆଗାମୀ ନିର୍ବାଚନରେ ରାଜ୍ୟସଭାର ସଦସ୍ୟ ହେବାକୁ ଚାହୁଁଛି। ନୂତନ ସରକାରଙ୍କୁ ମୋର ପୂର୍ଣ୍ଣ ସହଯୋଗ ଏବଂ ମାର୍ଗଦର୍ଶନ ମିଳିବ। ନୀତିଶ କୁମାର ପୋଷ୍ଟରେ କହିଛନ୍ତି ଯେ ମୁଁ ଆପଣଙ୍କୁ ଆଶ୍ୱସ୍ତ କରିବାକୁ ଚାହୁଁଛି ଯେ ଭବିଷ୍ୟତରେ ଆପଣଙ୍କ ସହିତ ମୋର ସମ୍ପର୍କ ଜାରି ରହିବ । ଏବଂ ମୁଁ ଆପଣଙ୍କ ସହିତ ମିଶି ଏକ ବିକଶିତ ବିହାର ଗଠନ କରିବାକୁ ଦୃଢ଼ ପ୍ରତିବଦ୍ଧ ରହିବି। ପୂର୍ଣ୍ଣ ସାଧୁତାର ସହ ବିଶ୍ୱାସ ଦେବାକୁ ଚାହୁଁଛି ଯେ ଆପଣଙ୍କ ସହିତ ଏହି ସମ୍ପର୍କ ଭବିଷ୍ୟତରେ ମଧ୍ୟ ଅତୁଟ ରହିବ ଏବଂ ଆପଣଙ୍କ ସହିତ ମିଶି ଏକ ବିକଶିତ ବିହାର ଗଢ଼ିବାର ସଙ୍କଳ୍ପ ପୂର୍ବପରି ଜାରି ରହିବ ।

ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଅସୁସ୍ଥ

ଅଧିକ ଚିକିତ୍ସା ପାଇଁ ଦିଲ୍ଲୀ ଏମ୍ସ ସ୍ଥାନାନ୍ତର

ଭୁବନେଶ୍ୱର,୫।୩ (ନି/ପ୍ର): ଦିଲ୍ଲୀ ଏମ୍ସ ସ୍ଥାନାନ୍ତର ହେଲେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ । ଅସୁସ୍ଥତା କାରଣରୁ ଅଧିକ ଚିକିତ୍ସା ପାଇଁ ତାଙ୍କୁ ଦିଲ୍ଲୀ ଏମ୍ସ ସ୍ଥାନାନ୍ତର କରାଯାଇଥିବା ସୂଚନା ମିଳିଛି । ହୃଦରୋଗ ସମସ୍ୟା ପାଇଁ ସେ ଗତ ମଙ୍ଗଳବାର ଭୁବନେଶ୍ୱର ଏମ୍ସରେ ଭର୍ତ୍ତି ହୋଇଥିଲେ । ଡାକ୍ତରଙ୍କ ପରାମର୍ଶ କ୍ରମେ ତାଙ୍କୁ ଗୁରୁବାର ଦିଲ୍ଲୀ ଏମ୍ସକୁ ସ୍ଥାନାନ୍ତର କରାଯାଇଛି । ସୂଚନାଯୋଗ୍ୟ ଯେ, ରାଜ୍ୟ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଗତ ୩ ତାରିଖ ସନ୍ଧ୍ୟାରେ ଛାତିରେ ପ୍ରବଳ ଯନ୍ତ୍ରଣା ଅନୁଭବ କରିଥିଲେ । ଫଳରେ ତାଙ୍କୁ ତୁରନ୍ତ ଭୁବନେଶ୍ୱର ଏମ୍ସରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିଲା । ତାଙ୍କୁ ପ୍ରଥମେ ଏମ୍ସର ଜରୁରୀକାଳୀନ ୱାର୍ଡରେ ଭର୍ତ୍ତି କରାଯାଇଥିଲା । ସେଠାରେ ପ୍ରାରମ୍ଭିକ ଚିକିତ୍ସା ପରେ ତାଙ୍କୁ ଅଧିକ ନିରୀକ୍ଷଣ ପାଇଁ କାର୍ଡିଓଥୋରାସିକ୍ ଆଣ୍ଡ ଭାସ୍କୁଲାର ସର୍ଜରୀ (ସିଟିଭି) ଆଇସିୟୁରେ ରଖାଯାଇଥିଲା । ଏମ୍ସର ଏକ ସ୍ୱତନ୍ତ୍ର ଡାକ୍ତରୀ ଟିମ୍ ତାଙ୍କର ବିଭିନ୍ନ ପରୀକ୍ଷା ନିରୀକ୍ଷା କରିଥିଲେ । ତେବେ ରାଜସ୍ୱ ମନ୍ତ୍ରୀଙ୍କ ଅସୁସ୍ଥତା ଖବର ପାଇ ବିଭିନ୍ନ ମହଲରେ ଚିନ୍ତା ପ୍ରକଟ କରାଯିବା ସହ ତାଙ୍କ ଆଶୁ ଆରୋଗ୍ୟ କାମନା କରାଯାଇଛି ।

ବିଜୁ ବାବୁଙ୍କ ଅନେକ ସ୍ୱପ୍ନ ଆଜି ବି ଅଧୁରା

ଆମ ସରକାର ତାକୁ ପୂରଣ କରିବ- ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୫।୩(ନି/ପ୍ର): ବିଜୁ ବାବୁଙ୍କର ଅନେକ ସ୍ୱପ୍ନ ଆଜି ବି ଅଧୁରା । ଆମ ସରକାର ତାଙ୍କ ସ୍ୱପ୍ନ ପୂରଣ କରିବା ସହିତ ସମୃଦ୍ଧ ଓଡ଼ିଶା ଗଠନ ପାଇଁ ସଂକଳ୍ପ ନେଇଛନ୍ତି ବୋଲି ସୂଚନା ଦେଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ।ଗୁରୁବାର ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଜନ୍ମ ଜୟନ୍ତୀ । ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ରାଜ୍ୟ ସ୍ତରୀୟ ଜୟନ୍ତୀ ଉତ୍ସବ ପାଳନ କରାଯାଉଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହିତ ଶ୍ରଦ୍ଧାଞ୍ଜଳି ଦେଇଛନ୍ତି । ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ବିଜୁ ବାବୁଙ୍କୁ ମୁଁ ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରୁଛି। ତାଙ୍କ ଜୀବନ ଥିଲା ସଙ୍ଘର୍ଷ ପୂର୍ଣ୍ଣ। ସମ୍ମାନ ଓ ସ୍ୱାଭିମାନ ସହିତ ସାଲିସ କରିନଥିଲେ। ସେବା ସହିତ ବିକାଶକୁ ପ୍ରାଥମିକତା ଦେଇ ଆସିଥିଲେ। ବିଜୁ ବାବୁ ଅନେକ ସ୍ୱପ୍ନ ଦେଖିଛନ୍ତି । ଯାହା ଆଜି ବି ଅଧୁରା ରହିଛି। ଆମ ସରକାର ତାଙ୍କ ସ୍ୱପ୍ନକୁ ପୂରଣ କରିବା ସହିତ ସମୃଦ୍ଧ ଓଡ଼ିଶା ଗଠନ ପାଇଁ ସଂକଳ୍ପ ନେଇଛନ୍ତି ।

ରାଜନୀତି ରଙ୍ଗ ଭଲ: ମନମୋହନ

ଭୁବନେଶ୍ୱର,୫/୩(ନି/ପ୍ର): ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି ରାଜନୀତିର ରଙ୍ଗ ସବୁବେଳେ ଭଲ ଅଛି । ଓଡ଼ିଶା ସମୃଦ୍ଧ ହେଉ, ଏକ ନମ୍ବର ରାଜ୍ୟ ହେଉ। ବିକଶିତ ଭାରତରେ ଓଡ଼ିଶାର ବଡ଼ ଯୋଗଦାନ ରହୁ। ହୋଲି ପରେ

ଯେତେବେଳେ ରାଜନୀତି ହେବ ସେ କଥା ଅଲଗା। ରାଜନୀତିର ରଙ୍ଗ ସବୁବେଳେ ଭଲ ଅଛି, ଭଲ କରିପାରିଲେ ଭଲ। ଆମେ ଯାହାକୁ ସମର୍ଥନ ହେଉ, ପୂର୍ଣ୍ଣମାତ୍ରାରେ ସମର୍ଥନ ହେଇଥାଉ। ଦିଲ୍ଲୀପ ରାୟ ଜଣେ ଅନୁଭବୀ ନେତା, ବହୁଥର ବିଧାୟକ ଓ ସାଂସଦ, କେନ୍ଦ୍ରରେ ମନ୍ତ୍ରୀ ହୋଇଛନ୍ତି। ରାଜ୍ୟରେ ମଧ୍ୟ ମନ୍ତ୍ରୀ ଥିଲେ। ସେ ନିଶ୍ଚୟ ବିଜୟ ହେବେ, ଶହେ ପ୍ରତିଶତ ବିଶ୍ୱାସ ରହିଛି।

ଇରାନ-ଇସ୍ରାଏଲ ଯୁଦ୍ଧ: ୩୦୦ କୋଟିର ବାସୁମତୀ ଚାଉଳ ବ୍ୟବସାୟ ସଙ୍କଟରେ:

ବନ୍ଦରରେ ଫସି ରହିଛି କାର୍ଗୋ

ଇଟାୱା,୫/୩: ଇସ୍ରାଏଲ ଏବଂ ଇରାନ ମଧ୍ୟରେ ଚାଲିଥିବା ଯୁଦ୍ଧର ପ୍ରଭାବ ଏବେ ଉତରପ୍ରଦେଶର ଇଟାୱା ଜିଲ୍ଲାର ବାସୁମତୀ ଚାଉଳ ବାଣିଜ୍ୟ ଉପରେ ସ୍ପଷ୍ଟ ଭାବରେ ଦେଖାଯାଉଛି । ଏହି ଅଂଚଳର ଚାଉଳ ରପ୍ତାନିକାରୀଙ୍କ ପ୍ରାୟ ୨୫ ରୁ ୩୦ କୋଟି ଟଙ୍କାର ବାସୁମତୀ ଚାଉଳ ଗୁଜୁରାଟର ଗାନ୍ଧୀଧାମ ବନ୍ଦରରେ ଫସି ରହିଛି। ଯାହା ଫଳରେ ବ୍ୟବସାୟୀମାନେ ଯଥେଷ୍ଟ ଆର୍ଥିକ କ୍ଷତି ହେବାର ଆଶଙ୍କା କରୁଛନ୍ତି। ପ୍ରାୟ ୩୦୦ କୋଟି ଟଙ୍କାର ଏହି ବାର୍ଷିକ ବ୍ୟବସାୟ ବର୍ତ୍ତମାନ ଅନିଶ୍ଚିତତା ମଧ୍ୟରେ ରହିଛି। ଜିଲ୍ଲାରୁ ବାସୁମତୀ ଚାଉଳ ଇରାନ ଓ ଅନ୍ୟାନ୍ୟ ଉପସାଗରୀୟ ଦେଶଗୁଡ଼ିକୁ ରପ୍ତାନି କରାଯାଏ। ବର୍ତ୍ତମାନର ଅନ୍ତର୍ଜାତୀୟ ପରିସ୍ଥିତି ପରିବହନରେ ବାଧା ସୃଷ୍ଟି କରିଛି ତଥା ପେମେଂଟ ପ୍ରକ୍ରିୟାରେ ବିଳମ୍ବ ହେଉଛି। ଏନେଇ ବ୍ୟବସାୟୀଙ୍କ ଚିନ୍ତା ବଢ଼ିବାରେ ଲାଗିଛି। ରପ୍ତାନିକାରୀମାନେ କହିଛନ୍ତି ଯେ, ଯଦି ପରିସ୍ଥିତି ଶୀଘ୍ର ସ୍ୱାଭାବିକ ନ ହୁଏ, ତେବେ ସେମାନଙ୍କ ବ୍ୟବସାୟ ଗୁରୁତର ଭାବରେ ପ୍ରଭାବିତ ହେବ। ଚାଉଳ ରପ୍ତାନିକାରୀ ଓ ଉତର ପ୍ରଦେଶ ଚାଉଳ ମିଲର୍ସ ଆସୋସିଏସନର ରାଜ୍ୟ ସଭାପତି ଦୀପକ ଗୁପ୍ତା କହିଛନ୍ତି, ଆମର ବାସୁମତୀ ଚାଉଳ ଗୁଜୁରାଟର ଗାନ୍ଧୀଧାମ ବନ୍ଦରରେ ଲୋଡିଂ ପାଇଁ ଅପେକ୍ଷା କରିଛି। ଇରାନର ପରିସ୍ଥିତି ଖରାପ ହେଉଥିବାରୁ ପଠାଇବା କାର୍ଯ୍ୟ ବନ୍ଦ ରହିଛି। ଫଳରେ ଦେୟ ମଧ୍ୟ ବିଳମ୍ବିତ ହୋଇପାରେ ବୋଲି ଆଶଙ୍କା ସୃଷ୍ଟି ହୋଇଛି। ଯଦି ଶୀଘ୍ର ସମାଧାନ ନ ମିଳେ, ତେବେ ବ୍ୟବସାୟୀମାନେ ଆମେ ବହୁ କ୍ଷତି ସହିବୁ। ସେ କହିଛନ୍ତି, ଭର୍ତ୍ତମାନର ବାସୁମତୀ ଚାଉଳର ଚାହିଦା ଇରାନ ଓ ଉପସାଗରୀୟ ଦେଶଗୁଡ଼ିକରେ ରହିଛି। କିନ୍ତୁ ବର୍ତ୍ତମାନର ପରିସ୍ଥିତି ରପ୍ତାନି ଉପରେ ଗୁରୁତର ପ୍ରଭାବ ପକାଉଛି। ବ୍ୟବସାୟୀମାନେ ସରକାରଙ୍କୁ ବିକଳ୍ପ ବଜାର ଯୋଗାଇବା ତଥା ଏକ ସୁରକ୍ଷିତ ରପ୍ତାନି ପ୍ରକ୍ରିୟା ସୁନିଶ୍ଚିତ କରିବାକୁ ଅନୁରୋଧ କରିଛନ୍ତି। ଅଂଚଳର ଚାଉଳ ବ୍ୟବସାୟୀମାନେ କହିଛନ୍ତି, ଆନ୍ତର୍ଜାତୀୟ ପରିସ୍ଥିତି ସ୍ୱାଭାବିକ ହେବା ପରେ ହିଁ ବାସୁମତୀ ଚାଉଳ ରପ୍ତାନି ବଢ଼ିବ। ବର୍ତ୍ତମାନ, ବ୍ୟବସାୟୀମାନେ ପରିସ୍ଥିତିରେ ଉନ୍ନତି ପାଇଁ ଅପେକ୍ଷା କରିଛନ୍ତି। ଏକ ଆକଳନ ଅନୁଯାୟୀ, ଏହି ବନ୍ଦର ମାଧ୍ୟମରେ ବାର୍ଷିକ ପ୍ରାୟ ୨୫ ହଜାର ମେଟ୍ରିକ୍ ଟନ୍ ବାସୁମତୀ ଚାଉଳ ଇରାନ, ୟେମେନ୍, ଓମାନ, ସାଉଦି ଆରବ ଓ ଅନ୍ୟାନ୍ୟ ଉପସାଗରୀୟ ଦେଶଗୁଡ଼ିକୁ ପଠାଯାଇଥାଏ। ଇରାନରେ ଚାଲିଥିବା ଯୁଦ୍ଧ ସମସ୍ତ ଦେଶର ସାମଗ୍ରୀ ପରିବହନକୁ ପ୍ରଭାବିତ କରୁଛି। ଯଦି ଯୁଦ୍ଧ ଦୀର୍ଘସମୟ ଧରିଜାରି ରହିବ, ତେବେ ସମଗ୍ର ବ୍ୟବସାୟର କ୍ଷତି ହେବ। ଏହା ରପ୍ତାନିକାରୀଙ୍କ ମଧ୍ୟରେ ଯଥେଷ୍ଟ ଚିନ୍ତା ସୃଷ୍ଟି କରିଛି। ମଧ୍ୟପ୍ରାଚ୍ୟରେ ଯୁଦ୍ଧର ନିଆଁ ତେଜିବାରେ ଲାଗିଛି। ଆମେରିକା-ଇସ୍ରାଏଲ ଓ ଇରାନ ମଧ୍ୟରେ ଜାରି ରହିଥିବା ଯୁଦ୍ଧ ଯୋଗୁଁ, ସାଉଦି ଆରବ, ଦୁବାଇ, କତାର ଓ ବାହାରିନ ଭଳି ସମଗ୍ର ଉପସାଗରୀୟ ଅଂଚଳର ପାନୀୟ ଜଳ ଉତ୍ସ ଉପରେ ଇରାନ ଆକ୍ରମଣ କରିବାର ଆଶଙ୍କା ସୃଷ୍ଟି ହୋଇଛି।

ମଧ୍ୟପ୍ରାଚ୍ୟ ସଙ୍କଟ ମଧ୍ୟରେ ୟୁରୋପକୁ ଗ୍ୟାସ୍ ଯୋଗାଣ ବନ୍ଦ କରିବାକୁ ଧମକ ଦେଲେ ପୁଟିନ



ମସ୍କୋ,୫/୩: ଇରାନ ଯୁଦ୍ଧର ସୁଯୋଗ ନେଇ ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ୟୁରୋପକୁ ଗ୍ୟାସ୍ ଯୋଗାଣ ବନ୍ଦ କରିବାର ଧମକ ଦେଇଛନ୍ତି। ଗଣମାଧ୍ୟମ ସହ କଥା ହୋଇ ସେ କହିଛନ୍ତି, ଇରାନରେ ଯୁଦ୍ଧ ଯୋଗୁ ସୃଷ୍ଟି ହୋଇଥିବା ଗ୍ୟାସ୍ ଅଭାବ ମସ୍କୋକୁ ଅନ୍ୟ ଦେଶକୁ ରପ୍ତାନି କରିବାର ସୁଯୋଗ ଦେଇପାରେ। ଜାନୁଆରି ୨୬ ତାରିଖରେ ୟୁରୋପୀୟ ସଂଘ ରୁଷ ଗ୍ୟାସ୍ ଆମଦାନି ଉପରେ ବ୍ୟାପକ ନିଷେଧକୁ ମଞ୍ଜୁର କରିବା ପରେ ପୁଟିନଙ୍କ ଏଭଳି ମନ୍ତବ୍ୟ ଆସିଛି । ଏହି ଯୋଜନାରେ ରୁଷ ତରଳୀକୃତ ପ୍ରାକୃତିକ ଗ୍ୟାସ (ଏଲ୍ଏନ୍‌ଜି) ଓ ପାଇପ୍‌ଲାଇନ୍ ଗ୍ୟାସ୍‌କୁ ପର୍ଯ୍ୟାୟକ୍ରମେ ବନ୍ଦ କରିବାକୁ କହିଥିଲା। ଯାହା ଦ୍ୱାରା ୨୦୨୭ ଶେଷ ସୁଦ୍ଧା ଯୋଗାଣ ସମ୍ପୂର୍ଣ୍ଣ ବନ୍ଦ ହେବ ।କ୍ରେମଲିନ୍ ସାମ୍ବାଦିକ ପାଭେଲ୍ ଜାରୁବିନ୍‌ଙ୍କ ସହ କଥାବାର୍ତ୍ତା ସମୟରେ ପୁଟିନ୍ ୟୁରୋପ ପ୍ରତିବନ୍ଧକ ଲାଗୁ କରିବା ପୂର୍ବରୁ ଗ୍ୟାସ୍ ରପ୍ତାନି ବନ୍ଦ କରିବାକୁ କହିଛନ୍ତି। ୟୁରୋପୀୟ ସଂଘ ଗୋଟିଏ ମାସ ମଧ୍ୟରେ ରୁଷୀୟ ଗ୍ୟାସ୍ କ୍ରୟ ଉପରେ କଟକଣା ଲାଗୁ କରିବାକୁ ଯୋଜନା କରୁଥିବା ପୁଟିନ କହିଛନ୍ତି। ଏବେ ରୁଷ ପାଇଁ ଅନ୍ୟ ବଜାରଗୁଡ଼ିକ ଖୋଲିବାରେ ଲାଗିଛି। ବର୍ତ୍ତମାନ ୟୁରୋପୀୟ ବଜାରକୁ ଯୋଗାଣ ବନ୍ଦ କରିବା ଆମ ପାଇଁ ଅଧିକ ଲାଭଦାୟକ ହୋଇପାରେ। ଖୋଲିଥିବା ନୂଆ ବଜାରକୁ ଯିବା ପାଇଁ ଆମେ ଯୋଜାନ କରୁଛୁ। ଆମେରିକା-ଇରାନ ଯୁଦ୍ଧ ଯୋଗୁ ସଙ୍କଟ ବଢିବାରେ ଲାଗିଛି। ଏହା ମଧ୍ୟପ୍ରାଚ୍ୟକୁ ହିଂସାକୁ ଠେଲି ଦେଇଛି। ଫଳରେ ସାରା ବିଶ୍ୱରେ ତେଲ ଏବଂ ଗ୍ୟାସ୍‌ର ମୂଲ୍ୟ ବୃଦ୍ଧି ପାଇଛି। ହର୍ମୁଜ୍ ପ୍ରଣାଳୀ ବନ୍ଦ ହେବା ଯୋଗୁ ଗ୍ରାହକମାନେ ଅଧିକ ମୂଲ୍ୟରେ ପ୍ରାକୃତିକ ଗ୍ୟାସ୍ କିଣିବାକୁ ବାଧ୍ୟ ହେଉଛନ୍ତି। ଏହା ଏକ ସ୍ୱାଭାବିକ ସ୍ଥିତି, ଏଠାରେ ଅନ୍ୟ କିଛି ନାହିଁ, କୌଣସି ରାଜନୈତିକ ଏଜେଣ୍ଡା ନାହିଁ , ଏହା କେବଳ ବ୍ୟବସାୟ ବୋଲି ପୁଟିନ କହିଛନ୍ତି।

ସୂଚନା

ହୋଲି ପାଇଁ 'ଉତ୍କଳ ସମାଚାର' କାର୍ଯ୍ୟାଳୟ ମାର୍ଚ୍ଚ ୪ ଦିନ ବନ୍ଦ ଥିଲା।

— ସଂପାଦକ

କେନ୍ଦୁଝର ସମାଚାର
A.R. KHAN
ARNMEDIA COMPLEX, New Market, Keonjhar
(Near Collectorate, Dist. Keonjhar, Phone / Fax: (06767) 255016
Email: utkalsamachar@gmail.com, Mob: 9437086122

ଶବ ରଖି ପଚାଂୟତ ଅଫିସ ସାମ୍ନାରେ ବିକ୍ଷୋଭ, ରାସ୍ତା ଅବରୋଧ

ଠାକୁରମୁଣ୍ଡା,୫/୩(ନି/ପ୍ର):ମୟୂରଭଂଜ ଜିଲ୍ଲା ଠାକୁରମୁଣ୍ଡା ବ୍ଲକ ମହୁଲଡିହା ଥାନା ଅନ୍ତର୍ଗତ କୋଇଲିପାଳ ଗାଁରେ ଅଘଟଣ ଘଟିଛି କ୍ଷ ତାଳ ଗଛ କାଟିବାକୁ ଯାଇ ରାଜୁ କାଣ୍ଡିଆନ (୨୭)ର ଅଭାବନୀୟ ଭାବେ ମୃତ୍ୟୁ ଘଟିଛି । ମୃତକଙ୍କୁ ନେଇ ଗ୍ରାମପଚାଂୟତ ଆଗରେ ଶବ ରଖି କୋଇଲିପାଳ ଗ୍ରାମବାସୀ ୧୫ ଲକ୍ଷ କିମ୍ବା ଚାକିରୀ ଦାବିରେ ବିକ୍ଷୋଭ ପ୍ରଦର୍ଶନ କରିଥିବା ଦେଖିବାକୁ ମିଳିଛି । ଘଟଣାରୁ ପ୍ରକାଶଯେ, କୋଇଲିପାଳ ଗ୍ରାମର ସାଲୁକା ନାଏକଙ୍କ ପୁଅ ରାଜୁ କାଣ୍ଡିଆନଙ୍କୁ ମହୁଲଡିହା ସରପଚଂ ପଚାଂୟତ କାର୍ଯ୍ୟାଳୟ ପଛରେ ଥିବା ତାଳ ଗଛ କାଟିବା ପାଇଁ ନିୟୋଜିତ କରିଥିଲେକ୍ଷ ଗଛ କାଟି ସାରିବା ବେଳକୁ ପବନ ଧରିବାରୁ ଗଛଟି ପଡ଼ିବା ଆଗରୁ ବୁଲି ଯାଇ ରାଜୁ ଉପରେ ପଡ଼ି ଅନ୍ୟ ସାହାଡା ଗଛ ଉପରେ ରାଜୁ ଜାକି ରଖିଥିଲାକ୍ଷ ପାଖରେ ଲୋକ ମାନେ ଦୁଇ ଗଛ ଉପରେ ଜାକି ହୋଇ ରହିଥିବା ରାଜୁକୁ ଜେସିବି ଆଣି ଉଦ୍ଧାର କରି ତଳକୁ ଓହ୍ଲାଇବା ପରେ ପ୍ରଥମେ ଆନନ୍ଦପୁର ଡାକ୍ତରଖାନାରେ ଭର୍ତି କରିଥିଲେ ।ମୁମୁର୍ଷୁ ଥିବାରୁ ଡାକ୍ତର କଟକ ସ୍ଥାନାନ୍ତର ପରାମର୍ଶ ଦେଇଥିଲେ । କଟକ ନେବା ବାଟରେ ଯାଜପୁର ଜିଲ୍ଲା ରଗଡି ନିକଟରେ ରାଜୁଙ୍କ ମୃତ୍ୟୁ ହୋଇଯିବାରୁ ପୁଣି ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟ ଫେରି ଶବ ବ୍ୟବଚ୍ଛେଦ ପରେ ମହୁଲଡିହା ଆଣିଥିଲେ । ଶବ ପହଚିଂବା ପରେ କୋଇଲିପାଳ ଗ୍ରାମବାସୀ ମହୁଲଡିହା ଗ୍ରାମପଚାଂୟତ କାର୍ଯ୍ୟାଳୟ ଆଗରେ ରଖି ପ୍ରତିବାଦ କରିଥିଲେ । ରାଜୁ ୭ ମାସ ଆଗରୁ ବିବାହ କରିଥିଲାକ୍ଷ ସ୍ତ୍ରୀ ୩ ମାସର ଗର୍ଭବତୀ ଅଛି । ଘରେ ବାପା ପକ୍ଷାଘାତ ରୋଗୀକ୍ଷ ରାଜୁ ଏକମାତ୍ର ରୋଜଗାର ବ୍ୟକ୍ତିକ୍ଷ ସରପଚଂ କାମରେ ଲଗାଇଥିବାରୁ ୧୫ ଲକ୍ଷ କ୍ଷତିପୂରଣ କିମ୍ବା ରାଜୁ ସ୍ତ୍ରୀଙ୍କୁ କୌଣସି ଏକ ଚାକିରି ପାଇଁ ଦାବି କରିଥିଲେକ୍ଷ ପରିସ୍ଥିତିଙ୍କୁ ଦେଖି ବିଧାୟକ ପଦ୍ମ ଚରଣ ହାଇବୁରୁ ମହୁଲଡିହାରେ ପହଚିଂ ଲୋକଙ୍କ ସହିତ ଆଲୋଚନା କରିଥିଲେକ୍ଷ ତହସିଲଦାର ସମ୍ପିତ କର, ଉପଖଣ୍ଡ ପୁଲିସ ଅଧିକାରୀ ନବକୃଷ୍ଣ ନାଏକ ଓ ମହୁଲଡିହା ପୁଲିସ ମଧ୍ୟ ପରିସ୍ଥିତି ନିୟନ୍ତ୍ରଣ ପାଇଁ ପହଚିଂ ଆଲୋଚନା କରିଥିଲେକ୍ଷ ଦିନ ୨ରୁ ଆଲୋଚନା ସନ୍ଧ୍ୟା ୬ ପର୍ଯ୍ୟନ୍ତ ଚାଲୁ ରହିଥିଲାକ୍ଷ ଶେଷରେ ୭୦ ହଜାର ଟଙ୍କାରେ କଥା ଛିଡ଼ିଥିଲାକ୍ଷ ଶୁଦ୍ଧିକ୍ରିୟା ସମୟରେ ୪୦ ହଜାର ଏବଂ ପରେ ବାକି ଟଙ୍କା ସରପଚଂ ଦେବେ ବୋଲି ନିଷ୍ପତି ହେବା ପରେ ଆନ୍ଦୋଳନ ପ୍ରତ୍ୟାହାର ହୋଇଥିଲା ।

ଦୋଳ ମେଳଣକୁ କେନ୍ଦ୍ରକରି ଗୋଷ୍ଠୀ ସଂଘର୍ଷ:
ସାମ୍ବାଦିକଙ୍କୁ ଆକ୍ରମଣ, ୪ମହିଳା ଆହତ

ନୀଳଗିରି,୫/୩(ନି/ପ୍ର): ଦୋଳ ମେଳଣକୁ କେନ୍ଦ୍ରକରି ବାଲେଶ୍ୱର ଜିଲା ନୀଳଗିରି ପୌରାଚଂଳରେ ଗୋଷ୍ଠୀ ସଂଘର୍ଷ ସୃଷ୍ଟି ହୋଇଛି । ଆକ୍ରମଣରେ ଜଣେ ସାମ୍ବାଦିକଙ୍କ ସମେତ ୫ଜଣ ଡାକ୍ତରଖାନାରେ ଭର୍ନ୍ତି ହୋଇଛନ୍ତି । କାହାଳିଆ ଚକ୍ରଧରପୁର ଶାସନରେ ରାହାସ ବିହାରୀ ଜୀଉଙ୍କ ପବିତ୍ର ଦୋଳଉତ୍ସବ ଉପଲକ୍ଷେ ସୋମବାର ଅନୁଷ୍ଠିତ ମେଳଣ କାର୍ଯ୍ୟକ୍ରମରେ ବିଗ୍ରହ ପ୍ରଥମେ ବ୍ରାହ୍ମଣ ଶାସନର ପ୍ରତି ଘରକୁ ଯାଇ ପୂଜା ପାଇଥିଲେ । ସେଠାରୁ ପୂଜା ସମ୍ପନ୍ନ ହେବା ପରେ ଅନ୍ୟ ସମ୍ପ୍ରଦାୟର ଲୋକ ପହଚିଂ ଠାକୁରଙ୍କ ପୂଜାବିଧି କରିବାକୁ ତଥା ମେଳଣ ନେବାକୁ ଅନୁରୋଧ କରୁଥିବା ସମୟରେ କିଛି ଲୋକ ଏହାକୁ ବାରଣ କରିଥିଲେ । ଏହି ଘଟଣାକୁ କେନ୍ଦ୍ରକରି ଉଭୟ ଗୋଷ୍ଠୀଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇ ସଂଘର୍ଷ ସୃଷ୍ଟି ହୋଇଛି । ଆକ୍ରମଣରେ ମନୋରଞ୍ଜନ ମହାରଣାଙ୍କ ସ୍ତ୍ରୀ ପ୍ରତିମା(୨୮), ସମରେନ୍ଦ୍ର ମହାନ୍ତିଙ୍କ ସ୍ତ୍ରୀ ପ୍ରିୟଙ୍କା(୩୦), ଜୟନ୍ତ ମହାରଣାଙ୍କ ସ୍ତ୍ରୀ ସରସ୍ୱତୀ(୩୦), ଚିତରଞ୍ଜନ ମହାରଣାଙ୍କ ସ୍ତ୍ରୀ ଚିନ୍ମୟୀ(୨୨) ପ୍ରମୁଖ ଆହତ ହୋଇ ନୀଳଗିରି ଡାକ୍ତରଖାନାରେ ଭର୍ନ୍ତି ହୋଇଛନ୍ତି । ସେମାନଙ୍କ ମଧ୍ୟରୁ ୨ଜଣ ମହିଳା ଗୁରୁତର ହେବାରୁ ବାଲେଶ୍ୱର ମୁଖ୍ୟ ଡାକ୍ତରଖାନା ସ୍ଥାନାନ୍ତର ହୋଇଛନ୍ତି । ଏହି ଗୋଷ୍ଠୀସଂଘର୍ଷ ସମୟରେ ମୋବାଇଲରେ ଭିଡ଼ିଓ ଉତ୍ତୋଳନ କରୁଥିବା ସେହି ଗାଁର ସାମ୍ବାଦିକ ପ୍ରଫୁଲ ମହାନ୍ତି(୬୫)ଙ୍କୁ ମରଣାନ୍ତକ ଆକ୍ରମଣ କରାଯାଇ ତାଙ୍କ ମୋବାଇଲ ଓ ବୁମ୍ ଛଡ଼ାଇ ନେଇଥିଲେ । ସେଠାରୁ ତାଙ୍କୁ ଅଚେତ ଅବସ୍ଥାରେ ଉଦ୍ଧାର କରାଯାଇ ଡାକ୍ତରଖାନାରେ ଭର୍ନ୍ତି କରାଯାଇଛି । ସେହିପରି ଅପରପକ୍ଷରୁ ମଧ୍ୟ ଆକ୍ରମଣ କରାଯାଇଥିବା ନେଇ ଥାନାରେ ଏତଲା ଦାଏର କରାଯାଇଛି ।

ଭୁବନେଶ୍ୱରରେ ଶେଷ ହେଲା ୪ଦିନିଆ ଦକ୍ଷତା ମହାକୁମ୍ଭ
ଇଣ୍ଡିଆସ୍କିଲ୍ସ ଆଂଚଳିକ ପ୍ରତିଯୋଗିତା : ଚମକିଲେ ପୂର୍ବ ଭାରତର ଦକ୍ଷ ଯୁବ ପ୍ରତିଭା

ଭୁବନେଶ୍ୱର, ୫/୩(ନି/ପ୍ର): ପୂର୍ବ ଭାରତ ପାଇଁ ଆୟୋଜିତ ଇଣ୍ଡିଆସ୍କିଲ୍ସ ଆଂଚଳିକ ପ୍ରତିଯୋଗିତା ୨୦୨୫-୨୬ ସୋମବାର ଭୁବନେଶ୍ୱରସ୍ଥିତ ଏସଡିଆଇଅଡିଟୋରିୟମରେ ଉଦ୍‌ଯାପିତ ହୋଇଛି । ଏହା ଥିଲା ଯୁବ ପ୍ରତିଭା, ବୈଷୟିକ ଉତ୍କର୍ଷତା ଏବଂ ଆଂଚଳିକ ଗୌରବର ମହାକୁମ୍ଭ । କେନ୍ଦ୍ର କୌଶଳ ବିକାଶ ଏବଂ ଉଦ୍ୟମିତା ମନ୍ତ୍ରଣାଳୟର ତତ୍ତ୍ୱାବଧାନରେ ଏବଂ ଜାତୀୟ କୌଶଳ ବିକାଶ ନିଗମ ସହାୟତାରେ ଆୟୋଜିତ ଏହି ପ୍ରତିଯୋଗିତାରେ ଓଡ଼ିଶା, ବିହାର, ପଶ୍ଚିମବଙ୍ଗ, ଛତିଶଗଡ଼, ଝାଡ଼ଖଣ୍ଡ ଏବଂ ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜର ୨୦୦ରୁ ଅଧିକ ଦକ୍ଷ ଯୁବକ ଯୁବତୀ ୫୯ଟି କୌଶଳ ବର୍ଗରେ ଅଂଶଗ୍ରହଣ କରିଥିଲେ । ଏହି ଅବସରରେ କେନ୍ଦ୍ର କୌଶଳ ବିକାଶ ଏବଂ ଉଦ୍ୟମିତା ରାଷ୍ଟ୍ରମନ୍ତ୍ରୀ (ସ୍ୱତନ୍ତ୍ର ଦାୟିତ୍ୱ) ଜୟନ୍ତ ଚୌଧୁରୀ କହିଛନ୍ତି, 'ଏହି ପ୍ରତିଯୋଗିତା ଆମ ଯୁବପିଢ଼ିଙ୍କ ମଧ୍ୟରେ ବଢୁଥିବା ଆକାଂକ୍ଷା ଏବଂ ସାମର୍ଥ୍ୟର ପ୍ରତିଫଳନ । ପୂର୍ବ ଭାରତର ରାଜ୍ୟଗୁଡ଼ିକ ଦେଶର ବିକାଶ ଯାତ୍ରାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛନ୍ତି । ଏହି ପ୍ଲାଟଫର୍ମ ଶିଳ୍ପ ସଂସ୍ଥା ଏବଂ ଶିକ୍ଷାନୁଷ୍ଠାନ ମଧ୍ୟରେ ସମନ୍ୱୟ ରକ୍ଷା କରି ପ୍ରତିଟି ଜିଲ୍ଲାର ପ୍ରତିଭାଙ୍କ ପାଇଁ ସୁଯୋଗ ସୃଷ୍ଟି କରୁଛି, ଯାହା 'ବିକଶିତ ଭାରତ' ଗଠନ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ । ସେହିପରି ରାଜ୍ୟ ଶିଳ୍ପ, ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ମନ୍ତ୍ରୀ ଶ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ କହିଛନ୍ତି, 'ପ୍ରକୃତ ବିକାଶ କେବଳ ଅର୍ଥନୈତିକ ଅଭିବୃଦ୍ଧି ନୁହେଁ, ଏହା ଦକ୍ଷତା ଉପରେ ଆଧାରିତ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୂରଦୃଷ୍ଟି ଅନୁଯାୟୀ, ଯେତେବେଳେ ଜ୍ଞାନ ଏବଂ କୌଶଳ ଏକାଠି ହୁଏ, ସେତେବେଳେ ଦେଶର ଶକ୍ତି ବହୁଗୁଣିତ ହୁଏ । ଏହିଯାତ୍ରାରେ, ରାଜ୍ୟ ସରକାର ବିକଶିତ ଓଡ଼ିଶାର ଦୃଷ୍ଟିକୋଣ ହାସଲ କରିବା ପାଇଁ ଏକ ସ୍ୱଷ୍ଟ ଏବଂ ଭବିଷ୍ୟତମୁଖୀ ରୋଡମ୍ୟାପ୍ ଉପସ୍ଥାପନ କରି ଉଦାହରଣ ସ୍ଥାପନ କରିଛନ୍ତି । ସେହିପରି ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ଶ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି ଯେ, ମାନ୍ୟବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ପରିକଳ୍ପିତ ସ୍କିଲ୍ ଇଣ୍ଡିଆ ମିଶନ ଦକ୍ଷତା ବିକାଶକୁ ଏକ ଜାତୀୟ ଆନ୍ଦୋଳନରେ ପରିଣତ କରିଛି । ସେ ସମସ୍ତ ବିଜେତାଙ୍କୁ ଅଭିନନ୍ଦନ ଜଣାଇବା ସହ କହିଥିଲେ ଯେ, ଶିକ୍ଷା ସହିତ ନିଯୁକ୍ତି ଏବଂ ନୂତନତ୍ୱର ସମନ୍ୱୟ ଏହି ବ୍ୟବସ୍ଥାକୁ ଅଧିକ ଶକ୍ତିଶାଳୀ କରିଛି । ଉଦଯାପନୀ ସମାରୋହରେ ମୋଟ ୧୩୨ ଜଣ କୃତି ପ୍ରତିଯୋଗୀଙ୍କୁ ପଦକ ପ୍ରଦାନ କରାଯାଇଛି । ୫୩ ଜଣଙ୍କୁ ସ୍ୱର୍ଣ୍ଣ ପଦକ, ୪୮ଜଣଙ୍କୁ ରୌପ୍ୟ ପଦକ ଏବଂ ୩୧ ଜଣଙ୍କୁ କାଂସ୍ୟ ପଦକରେ ସମ୍ମାନିତ କରାଯାଇଛି ।

ଗାୟତ୍ରୀ ମହାଯଜ୍ଞ ନେଇ ପ୍ରସ୍ତୁତି ବୈଠକ

ଜୟପୁର,୫/୩(ନି/ପ୍ର): ଓଡ଼ିଶା ଗାୟତ୍ରୀ ପରିବାର ସବ୍ ଜୋନ କର୍ଡିନେଟର ଶ୍ରୀ ବାଲ୍ମୀକି ପ୍ରଧାନ ଙ୍କ ଆହ୍ୱାନ କ୍ରମେ ବୋରିଗୁମ୍ମା ସ୍ଥିତ ନବନିର୍ମିତ ଗୁରୁ କୃପା ଭବନ ଠାରେ ଅବିଭକ୍ତ କୋରାପୁଟ ଜିଲ୍ଲା ଗାୟତ୍ରୀ ପରିବାର ର ସମସ୍ତ ମୁଖ୍ୟ ଟ୍ରଷ୍ଟି ଓ କାର୍ଯ୍ୟକର୍ତାଙ୍କୁ ନେଇ ୨୫୧କୁଣ୍ଡିୟ ଗାୟତ୍ରୀ ମହାଯଜ୍ଞ କରିବା ନିମନ୍ତେ ଏକ ପାରିବାରିକ ବନ୍ଧୁ ମିଳନ ମହା ଶୋଭା ର ଆୟୋଜନ କରା ଯାଇ ଥିଲା । ଉକ୍ତ କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବେ ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି ,ଓ ସୁ କ୍ମା ବିଧାୟକ କଡ୍ରାସି ଲାକ୍ଷ୍ମା ଯୋଗଦାନ କରିଥିବା ବେଳେ ମୁଖ୍ୟ ବକ୍ତା ଭାବେ ଓଡ଼ିଶା ରାଜ୍ୟ ଜୋନ ପ୍ରଭାରୀ ସୋମିତ୍ରି ଥନପତୀ, ଯୋଗଦାନ କରି ସମସ୍ତ ପରିବାର କୁ ମାର୍ଗ ଦର୍ଶନ ଦେଇ ଥିଲେ । ତାଙ୍କ ପ୍ରେରଣାରେ ଅନୁ ପ୍ରାଣୀତ ହୋଇ ଜୟପୁର ଗାୟତ୍ରୀ ଶକ୍ତି ପୀଠର ମୁଖ୍ୟ ଟ୍ରଷ୍ଟି ବ୍ୟବସ୍ଥା ପ୍ରମୁଖ ଶ୍ରୀ ଅନିଲ ଦାସ , ସମ୍ପାଦକ ଶ୍ରୀ ଗୋପାଳ ପାତ୍ର ,ଜିଲ୍ଲା ସମନ୍ୱୟ କ ରତ୍ନାକରା ପାତ୍ର , ସପ୍ତ ଶୁଦ୍ଧି କାର୍ଯ୍ୟକ୍ରମ ପ୍ରମୁଖ ନିରଞ୍ଜନ ପାଣିଗ୍ରାହି ଓ ପ୍ରଜ୍ଞା ପୀଠ ର ପ୍ରମୁଖ ପ୍ରମିଳା ମହାପାତ୍ର ଓ ଅନ୍ୟାନ୍ୟ କାର୍ଯ୍ୟକର୍ତାଗଣ ୧୦୮ କୁଣ୍ଡିୟ ଯଜ୍ଞ କରିବା ପରେ କୌଣସି ବିରାଟ କାର୍ଯ୍ୟକ୍ରମ କରାଯାଇ ପାରିନାହିଁ । ତେଣୁ ଉକ୍ତ ୨୫୧ କୁଣ୍ଡ ଗାୟତ୍ରୀ ମହା ଯଜ୍ଞକୁ ଜୟପୁର ସହର ରେ କରିବା ନିମନ୍ତେ ନିଷ୍ପତି ହୋଇଛି । ଉକ୍ତ କାର୍ଯ୍ୟକ୍ରମରେ ନବରଙ୍ଗପୁର ଜିଲ୍ଲା ର ଆଂଚଳିକ ପ୍ରଭାରୀ ଉପେନ୍ଦ୍ର ନାଗ, ରାୟଗଡ଼ାର ଏନ ପି ସିଂଙ୍ଗ, ଶ୍ରୀ ସୁଧୀର ମିଶ୍ର , ବୌଦ୍ଧ ଜିଲ୍ଲାର ବିଚିତ୍ରାନନ୍ଦ ସାହୁ ,କୋରାପୁଟ ଜିଲ୍ଲା ର ଶ୍ରୀ ବିଚିତ୍ର ନନ୍ଦ ଧଳ , ଅମର ପାଢ଼ୀ , ନିରଞ୍ଜନ ଭୂୟାଁ ,ସହ ସମନ୍ୱୟକ ବୁଲୁ ଦୋଲେଇ ଛତିଶ ଗଡ ର କାର୍ଯ୍ୟକର୍ତାଗଣ ଉପସ୍ଥିତ ରହି ମାଲକାନଗିରି ଜିଲ୍ଲା ସମନ୍ୱୟକ ସନ୍ଧ୍ୟା ରାଣୀ ପାଢ଼ୀ ,କୁଞ୍ଜ ଭାଇ ଫୋନ ବାର୍ତା ମାଧ୍ୟମରେ ହାତ ଉଠାଇ ଓମ୍ କହି ପୂର୍ଣ୍ଣ ସହ ମତି ସହ ସହଯୋଗ ର ହାତ ବଢାଇବା ର ପ୍ରତିଶ୍ରୁତି ପ୍ରଦାନ କରି ଥିଲେ । ଏଥିରେ ୪ ଟି ଜିଲ୍ଲା ଗାୟତ୍ରୀ ପରିବାର ର ସମସ୍ତ ମୁଖ୍ୟ କାର୍ଯ୍ୟକର୍ତା ,ଟ୍ରଷ୍ଟି ଉପସ୍ଥିତ ଥିଲେ । ଶେଷରେ ମୁନା ଭାଇ ସମସ୍ତ ଙ୍କ ଉପସ୍ଥିତି ଖାତା ରେ ଦସ୍ତଖତ କରାଇ ଧନ୍ୟ ବାଦ ସହ ଶାନ୍ତି ପାଠ, ପ୍ରସାଦ ସେବନ କରି କାର୍ଯ୍ୟକ୍ରମର ପରି ସମାପ୍ତି କରି ଥିଲେ ।

ଠାକୁର ଅନୁକୂଳଚନ୍ଦ୍ରଙ୍କର ୧୩୮ତମ ଜନ୍ମୋତ୍ସବ ପାଳିତ

କୋରେଇ,୫/୩(ନି/ପ୍ର) :କୋରେଇ ବ୍ଲକ କରଦା ପଂଚାୟତ ଭକଣ୍ଡାରୀ ଗ୍ରାମରେ ପରମପ୍ରେମମୟ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କର ୧୩୮ତମ ଆବିର୍ଭାବ ମହୋତ୍ସବ ତଥା ଭକଣ୍ଡରୀ ସତସଙ୍ଗ କେନ୍ଦ୍ରର ୩୧ତମ ବାର୍ଷିକ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି । ବେଦ, ମାଙ୍ଗଳି. ଉଷା କୀର୍ତନ ପରେ ଭକ୍ତମାନେ ସମ୍ମିଳିତ ଭାବେ ନଗର କୀର୍ତନ କରି ବଜାର ପରିକ୍ରମା କରିଥିଲେ । ଏହା ପରେ ସଂଧ୍ୟାରେ ସତସଙ୍ଗ ସଭା ଯାଜପୁର ସତସଙ୍ଗ କେନ୍ଦ୍ରର ମୁଖ୍ୟ ଋତ୍ୱିକ ଅଚ୍ୟୁତାନନ୍ଦ ପତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିବାବେଳେ ମୁଖ୍ୟବକ୍ତାଭାବେ କୁଆଖିଆ ସତସଙ୍ଗ କେନ୍ଦ୍ରର ଋତ୍ୱିକ କୃଷ୍ଣପ୍ରସାଦ କର ଯୋଗଦେଇ ଠାକୁରଙ୍କ ଜୀବନୀ ଉପରେ ଅଲୋକପାତ କରିଥିଲେ । ପ୍ରତ୍ୟକ ମଣିଷ ଭିତରେ ଥିବା ଖରାପ ଜିନିଷକୁ ଦୁରେଇ ଦେବା ଓ ଈଶ୍ୱର ପ୍ରାପ୍ତି ନିମନ୍ତେ ସଦଗୁରୁ ଙ୍କ ଶରଣାପର୍ନ୍ନ ହେବା ନିହାତି ଜରୁରି ବୋଲି ନିଜର ବକ୍ତବ୍ୟରେ ବର୍ଣ୍ଣନା କରିଥିଲେ । ରିତିକ୍ ପିତାମ୍ବର ପତି, ବଟକୃଷ୍ଣ ଦାସ, ଦୟାନିଧୀ ସାହୁ, ଭାସ୍କର ସାହୁ, ଦ୍ୟୁତିଦେବ ଦାସ ପ୍ରମୁଖ ଠାକୁରଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ । ଦାନଗଦୀ ଭାଇ ମାନଙ୍କ ଦ୍ୱାରା କୋରସ ଗାନ ପରିବେଷଣ କରାଯାଇଥିଲା । ଉକ୍ତ ସତସଙ୍ଗ କାର୍ଯ୍ୟକ୍ରମରେ ଭକଣ୍ଡରୀ, ରାଣିଗୋଡା, କରଦା, ଷଠିପୁର, ବୈତରଣୀରୋଡ, ପାଣିକୋଇଲି, ପଥରପଦା ସମେତ ଜିଲ୍ଲା ତଥା ଜିଲ୍ଲା ବାହାରୁ ଗୁରୁଭାଇ ଓ ମା ମାନେ ଯୋଗଦେଇଥିଲେ । ସମସ୍ତ କାର୍ଯ୍ୟକ୍ରମକୁ ଉତ୍ସବ କମିଟିର ସଭାପତି ଘନଶ୍ୟାମ ସାହୁ, ଗଗନବିହାରୀ ସାହୁ, ଗଦାଧର ସାହୁ, ହରିହର ରାଉତ, ମୋହନ ଚରଣ ସାହୁ, ଦିବାକର ଦାସ, ଗଣେଷ ଚନ୍ଦ୍ର ସାହୁ, ନରେନ୍ଦ୍ର ସାହୁ, ନବଘନ ସାହୁ, ଅଂଜନ କୁମାର ସାହୁ, ସନ୍ତୋଷ ଜେନା, ସୁବୋଧ କୁମାର ସାହୁ, ତୁଷାର ବାରିକ, ଅନିରୁଦ୍ଧ ମଲିକ,ହ ରିହର ମଲିକ, ପ୍ରାଣକୃଷ୍ଣ ମଲିକ, ନିକୁଜଂ ସାହୁ, ନବଘନ ବାରିକ, ଭାସ୍କର ମଲିକ, ରମେଶ ମଲିକ, କାର୍ତିକ ମଲିକ ପ୍ରମୁଖ ପରିଚାଳନା କରିଥିଲେ । ଶେଷରେ ସ୍ଥାନୀୟ କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।

ହାଟଡ଼ିହି ଆଟଂଳିକ ମହାବିଦ୍ୟାଳୟର ଅଧ୍ୟାପକ ଗୌରାଙ୍ଗ ଚରଣ ନାୟକଙ୍କୁ ଅବସର ସମ୍ବର୍ଦ୍ଧନା

ଲୁହା ଛଡ଼ରେ ପିଟି ବାପାଙ୍କ ମୁଣ୍ଡ ଫଟାଇଲା ପୁଅ

ନୀଳଗିରି,୫/୩(ନି.ପ୍ର) : କୌଣସି କାରଣ ନଥାଇ ବାପାଙ୍କୁ ତାଙ୍କ ମଝିଆ ପୁଅ ଏକ ଲୁହା ଛଡ଼ରେ ପିଟି ମୁଣ୍ଡ ଫଟାଇ ଦେବା ଘଟଣା ଅଟଂଳରେ ଉଦବେଗ ସୃଷ୍ଟି କରିଛି । ନୀଳଗିରି ଥାନା ସଜନାଗଡ଼ ପଚାଂୟତ ଅଧୀନ ବାଣିଆପଡ଼ାରେ ଏଭଳି ଅଭାବନୀୟ ଘଟଣା ଦେଖିବାକୁ ମିଳିଛି । ଉକ୍ତ ଗାଁର ଶ୍ୟାମ ସିଂ(୭୫) ବାଡ଼ିରୁ ଶୌଚ ହୋଇ ଫେରୁଥିବା ସମୟରେ ତାଙ୍କ ମଝିଆ ପୁଅ ବାଙ୍ଗୁରୁ(୪୦) ଏକ ଲୁହା ଛଡ଼ ଧରି ମୁଣ୍ଡକୁ ପ୍ରହାର କରିଥିଲେ । ପରେ ତାଙ୍କ ହାତ ଗୋଡ଼ ପିଟି ଭାଙ୍ଗି ଦେବା ସହ ଗଭୀର କ୍ଷତାକ୍ତ ହୋଇଛନ୍ତି । ଚିତ୍କାର ଶୁଣି ପରିବାର ଲୋକେ ଏହା ଦେଖିବା ପରେ ପୁଅ ଠାରୁ ବୃଦ୍ଧ ବାପାଙ୍କୁ ଉଦ୍ଧାର କରାଯାଇ ନୀଳଗିରି ଡାକ୍ତରଖାନାରେ ଭର୍ତିକରାଯାଇଛି । ଏନେଇ ଥାନାରେ ଏକ ରିପୋର୍ଟ ମଧ୍ୟ ଦାଖଲ କରାଯାଇଛି ।

ଜିଲାସ୍ତରୀୟ ଅଂଶୁଘାତ ମୁକାବିଲା ନିମନ୍ତେ ପ୍ରସ୍ତୁତି ବୈଠକ

ଧର୍ମଶାଳା,୫/୩(ନି/ପ୍ର): ଯାଜପୁର ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲାରେ ଗ୍ରୀଷ୍ମ ପ୍ରବାହ ଜନିତ ଅଂଶୁଘାତ ମୁକାବିଲା ନିମନ୍ତେ ଏକ ଜିଲା ସ୍ତରୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲାପାଳ ଅମ୍ବର କୁମାର କରଙ୍କ ଅଧ୍ୟକ୍ଷତାରେ ସଫଳ ମୁକାବିଲା ନିମନ୍ତେ ବିଭାଗୀୟ ଅଧିକାରୀଙ୍କୁ ଆଶୁ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଜିଲା ମୁଖ୍ୟ ଚିକିତ୍ସାଳୟ,ଗ୍ରାମୀଣ ଜଳ ଓ ପରିମଳ ଡିଭିଜନ,ପ୍ରାଣୀ ସମ୍ପଦ କାର୍ଯ୍ୟାଳୟ,ପ୍ରତ୍ୟେକ ବ୍ଲକ ଓ ତହସିଲରେ ୨୪ଘଂଟିଆ ନିୟନ୍ତ୍ରଣ କକ୍ଷ ଖୋଲା ରହିବ । ସମସ୍ତ ଅଚଳ ନଳକୂପର ମରାମତି ସହିତ ପାଇପ ଲାଇ ଓ ସପ୍ଲାଏ ପ୍ରକଳ୍ପ କାର୍ଯ୍ୟକ୍ଷମ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଗ୍ରାମ୍ୟ ଜଳ ଯୋଗାଣ ବିଭାଗ,ବ୍ଲକ ପ୍ରଶାସନ,ଜନସ୍ୱାସ୍ଥ୍ୟ ବିଭାଗ, ପୌର ପ୍ରଶାସନ ପାନୀୟ ଜଳ ଯୋଗାଣ ପାଇଁ ତତ୍ପର ହେବା ସହ ଅଚଳ ଓ ପାଇପ ଲାଇନଗୁଡିକୁ ଯୁଦ୍ଧକାଳୀନ ଭିତିରେ ମରାମତି କରବି ସହିତ ଅଧିକ ସଂଖ୍ୟକ ଟ୍ୟାଙ୍କର ଯୋଗାଡ କରି ରଖିବା ସହିତ ଜଳ ସମ୍ପର୍କୀତ ଯେଉଁ ଭଳି କୌଣସି ଅଭିଯୋଗ ନ ଆସେ ସେଥିପ୍ରତି ଧ୍ୟାନ ଦେବାକୁ ଆଲୋଚନା ହୋଇଥିଲା । ଅତିରିକ୍ତ ଜିଲାପାଳ ଶିବାନନ୍ଦ ସ୍ୱାଇଁ ଲୋକମାନଙ୍କୁ ସଚେତନ କରାଇବା ପାଇଁ ବିଭିନ୍ନ ଜନ ଗହଳିପୂର୍ଣ୍ଣ ସ୍ଥାନ ଓ କାର୍ଯ୍ୟାଳୟ ମାନଙ୍କରେ ଅଂଶୁଘାତ ସଚେତନତା ସମ୍ପର୍କୀତ ବ୍ୟାନର ,ହୋଡିଂ ଓ ପୋଷ୍ଟର ଇତ୍ୟାଦି ଲାଗାଇବାକୁ ସମାଜିକ ଗଣମାଧ୍ୟମରେ ସଚେତନା ବାର୍ତା ପ୍ରଦାନ କରାଯାଇଥିଲା ।

ପ୍ରଧାନଶିକ୍ଷକ ଓ ବିଦ୍ୟାଳୟ କର୍ତୃପକ୍ଷ ଅବହେଳା ଯୋଗୁଁ ମଙ୍ଗଳ ବିଭାଗ ହଷ୍ଟେଲରେ ଛାତ୍ରୀ ମୃତ

ରାୟଗଡ଼ା,୫/୩(ନି/ପ୍ର): ମଙ୍ଗଳ ବିଭାଗ ରାୟଗଡ଼ା ଜିଲ୍ଲା ଅମ୍ବାଦଳା ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ହଷ୍ଟେଲରେ ରହି ପାଠ ପଢୁଥିବା ଜଣେ ଛାତ୍ରୀଙ୍କ ମୃତ୍ୟୁ ହୋଇଥିବା ଜଣାପଡିଛି । ମୃତ ଛାତ୍ରୀ ଜଣଙ୍କ ହେଲେ ଅଷ୍ଟମ ଶ୍ରେଣୀ ଛାତ୍ରୀ ଗୀତା ମାଝୀ । ଗତ ରାତିରେ ହଠାତ ଗୀତାଙ୍କର ଦେହ ଅସୁସ୍ଥ ହେବାରୁ ବିଦ୍ୟାଳୟ କର୍ତୃପକ୍ଷ ଆମ୍ବଦଳା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ । ପ୍ରଧାନଶିକ୍ଷକ ଅସୁସ୍ଥ ଥିବା ବେଳେ ଗୀତାଙ୍କୁ ମେଡିକାଲ ଆଣିଥିବା କହୁଥିବା ବେଳେ ମେଡିକାଲରେ ଭର୍ତି କରିବା ପୂର୍ବରୁ ଗୀତାର ମୃତ୍ୟୁ ହୋଇଥିବା ଡାକ୍ତର ପ୍ରକାଶ କରିଛନ୍ତି । ମୃତ ଗୀତାଙ୍କ ଘର ଅମ୍ବାଦଳା ଥାନା ଅନ୍ତର୍ଗତ କନ୍ଧ ବାଲିଯୋଡି । କେଉଁ ପରିସ୍ଥିତିରେ ଛାତ୍ରୀ ଜଣଙ୍କର ମୃତ୍ୟୁ ଘଟିଲା ସନ୍ଦେହ ଉପୁଜିଥିବା ବେଳେ ପରିବାରବର୍ଗ ବିଦ୍ୟାଳୟର ପ୍ରଧାନଶିକ୍ଷକ କୋଲା ବାମନମୂର୍ତି ଏବଂ ବିଦ୍ୟାଳୟ କର୍ତୃପକ୍ଷଙ୍କ ଅବହେଳା ଯୋଗୁଁ ଗୀତାଙ୍କର ମୃତ୍ୟୁ ହୋଇଥିବା ଅଭିଯୋଗ କରିଛନ୍ତି । ଅମ୍ବାଦଳା ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କ ବିରୋଧରେ ଅନିୟମତିତା ଏବଂ ବହୁ ଅଭିଯୋଗ ହେଉଥିଲେ ମଧ୍ୟ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ । ପ୍ରଧାନଶିକ୍ଷକଙ୍କ ବିରୋଧରେ ଜିଲ୍ଲାପାଳଙ୍କ ଠାରୁ ଆରମ୍ଭ କରି ଜିଲ୍ଲା ମଙ୍ଗଳ ଅଧିକାରୀଙ୍କୁ ବାରମ୍ବାର ଅଭିଯୋଗ କରାଯାଉଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ । ଛାତ୍ରୀ ଜଣଙ୍କ ଘର ବିଦ୍ୟାଳୟ ହଷ୍ଟେଲ ଠାରୁ ମାତ୍ର ଗୋଟିଏ କିଲୋମିଟର ହୋଇଥିବା ବେଳେ ଝିଅର ଅସୁସ୍ଥତା ସଂପର୍କରେ ପରିବାରବର୍ଗଙ୍କୁ ପ୍ରଧାନଶିକ୍ଷକ କୌଣସି ସୂଚନାଦେଇନଥିବା ପରିବାରବର୍ଗ ପ୍ରକାଶ କରିଛନ୍ତି । ଝିଅ ମୃତ୍ୟୁବରଣ କରିବା ପରେ ମୃତ୍ୟୁ ସଂପର୍କରେ ସୂଚନା ଦିଆଯାଇଥିଲା ବୋଲି ପରିବାର ପ୍ରକାଶ କରିଛନ୍ତି । ପୁଲିସ ଘଟଣାସ୍ଥଳରେ ପହଚିଂ ତଦନ୍ତ କରୁଥିବା ଜଣାପଡିଛି ।

ମରଣାନ୍ତକ ଆକ୍ରମଣ ମାମଲାରେ ଅଭିଯୁକ୍ତଙ୍କୁ ଗିରଫ କରୁନି ପୁଲିସ
ମାମଲାରେ ସିମୀତ କାର୍ଯ୍ୟାନୁଷ୍ଠାନ ଏସପିଙ୍କୁ ଭେଟିଲେ ପିଡିତା

କୋରେଇ,୫/୩(ନି/ପ୍ର): ଅନେକ ସମୟରେ ପୁଲିସର ପକ୍ଷପାତିତା ପାଇଁ ନ୍ୟାୟ ପାଇବାରୁ ବଂଚିତ ହୁଅନ୍ତି ସାଧାରଣ ଜନତା । ଜୀବନରୁ ମାରଦେବାକୁ ଉଦ୍ୟମ ଓ ମରଣାନ୍ତକ ଆକ୍ରମଣ ମାମଲାରେ ଅଭିଯୁକ୍ତଙ୍କୁ ପୁଲିସ ଗିରଫ କରିବା ପରିବର୍ତେ ମାମଲା ରୁଜ୍ଜୁ କରିବାରେ ଟାଳଟୁଳ ନିତୀ ଅବଲମ୍ବନ କରିବା ଓ ସପ୍ତାହ ପରେ ମାମଲା ରୁଜ୍ଜୁ କରି ହାତବାନ୍ଧି ବସିଥିବା ବେଳେ ପିଡିତା ନ୍ୟାୟ ନପାଇ ଶେଷରେ ଆଜି ପାଣିକୋଇଲିସ୍ଥିତ ଜିଲ୍ଲା ପୁଲିସ ମୁଖ୍ୟାଳୟରେ ଏସପିଙ୍କୁ ଭେଟି ନ୍ୟାୟ ଭିକ୍ଷା କରିଛି । ପ୍ରକାଶଯେ ଧର୍ମଶାଳା ଥାନା ଅନ୍ତର୍ଗତ ନିଳାଦେଇପୁର ଗ୍ରାମର ଦମୟନ୍ତୀ ଓଝା ଗତ ୨୦୨୪ ମସିହା ଡିସେମ୍ବର ୧୧ ତାରିଖ ଯାଜପୁର ସଦର ଥାନା ଅନ୍ତର୍ଗତ ମିର୍ଜାପୁର ଗ୍ରାମର ଆକଶ କୁମାର ଓଝାଙ୍କ ସହ ବୈଦୀକ ରିତୀରେ ବିବାହ ହୋଇଥିଲା । ବିବାହର ୧୫ ଦିନ ପରେ ଆକଶ ସେ କାମ କରୁଥିବା ବ୍ରହ୍ମପୁରକୁ ପଳାଇଥିଲା । ତାଙ୍କୁ ଫୋନ କଲେ ବି ସେ ବ୍ୟସ୍ତ ଅଛନ୍ତି କହି ଫୋନ କାଟି ଦିଅନ୍ତି । ପରେ ସେ ଆସି ଦମୟନ୍ତିକୁ ବ୍ରହ୍ମପୁର ନେଇଯାଇଥିଲେ । ସେଠାରେ ୧୩ ଦିନ ରହିବା ଭିତରେ ନିଶାସକ୍ତ ଭାବେ ଆକାଶ ବିଭିନ୍ନ ସମୟରେ ଆକ୍ରମଣ ଓ ମାରପିଟ କରନ୍ତି । ତାଙ୍କ ଅନିଚ୍ଛାରେ ପରିବାର ଲୋକ ବିବାହ କରାଇଛନ୍ତି ବୋଲି କୁହନ୍ତି । ଅନ୍ୟ ଝିଅ ସହ ତାଙ୍କର ସମ୍ପର୍କ ରହିଥିବା ମଧ୍ୟ ଜଣାପଡିଛି । ପରେ ବ୍ରହ୍ମପୁରରୁ ନେଇ ଆସି ତାଙ୍କ ସପରିବାର ଯାଜପୁର ଟାଉନସ୍ଥିତ ଲଳିତେଶ୍ୱର ନଗର ଭଡା ଘରେ ରହୁଥିବା ଘରେ ସେମାନେ ରହିଥିଲେ । ହେଲେ ସମସ୍ତ ପରିବାର ସହିତ ତାଙ୍କର ସମ୍ପର୍କ ପଡୁନଥିଲା । ଶଶୁର ରବିନ୍ଦ୍ର ଓଝା ମଧ୍ୟ ତାଙ୍କୁ ଲୋଲୁପଦୃଷ୍ଟିରେ ଦେଖନ୍ତି । ଏମିତିକି ବାରମ୍ବାର ସମ୍ପର୍କ ରଖିବାକୁ କହିଛନ୍ତି । ଗତ ଫେବୃଆରୀ ୧ ତାରିଖ ତାଙ୍କ ପରିବାରର ସ୍ୱାମୀ, ଶାଶୁ , ଶଶୁର, ଦାଦା ଶଶୁର, ଦିଅର ଓ ନଣନ୍ଦ ମିଶି ଏକ ବଣ୍ଡ ପେପରେ ଜବରଦସ୍ତ ଦସ୍ତଖତ କରାଇନେବା ପରେ ମାଡ ମାରଥିଲେ । ଖାଇବାକୁ ନଦେଇ ଘରେ ପୁରାଇ ବନ୍ଦ କରି ରଖୁଥିଲେ । ଏମିତିକି ଟଂଟିଚିପି ମାରିଦେବାକୁ ଉଦ୍ୟମ କରିଥିଲେ । ଫେବୃଆରୀ ତିନି ତାରିଖ ମାଡ ସମୟରେ ଘର ମାଲିକ ପହଂଚିଯିବା ବେଳେ ଦମୟନ୍ତିର ଭାଇ ପହଂଚି ତାଙ୍କୁ ଉଦ୍ଧାର କରି ଧର୍ମଶାଳା ଚିକିତ୍ସାଳୟରେ ଚିକିତ୍ସା କରାଇଥିଲେ । ଏନେଇ ୭ ତାରିଖ ଯାଜପୁର ଟାଉନ ଥାନାରେ ଅଭିଯୋଗ କରିଥିଲେ । ମାମଲା ରୁଜ୍ଜୁ କରି କାର୍ଯ୍ୟାନୁଷ୍ଠାନ ପରିବର୍ତେ ପୁଲିସ ସେମାଡ଼ଙ୍କ ଚାପର ବଶବର୍ତୀ ହୋଇ ୧୭ ତାରିଖ ପର୍ଯ୍ୟନ୍ତ ମାମଲା ରୁଜ୍ଜୁ କଲା ନାହିଁ ପରେ ୧୭ ତାରିଖ ଏକ ମାମଲା ୬୧/୨୬ ରୁଜ୍ଜୁ କରିଥିଲା । କିନ୍ତୁ କାର୍ଯ୍ୟାନୁଷ୍ଠାନ ଅବଧି ନେଇନାହିଁ । ଅଭିଯୁକ୍ତ ମାନେ ପୁଲିସ ପାଖରେ ପହଂଚିଥିବା ବେଳେ ପୁଲିସ ତାଙ୍କୁ ଗରିଫ କଲାନାହିଁ । ଏବେ ସେମାନଙ୍କୁ ପାଉନାହିଁ କହି ସମୟ ଗଡାଉଛି । ଫଳରେ ନ୍ୟାୟରୁ ବଂଚିତ ହୋଇ ଦମୟନ୍ତି ଆଜି ଏସପିଙ୍କୁ ଭେଟି ଜୀବନର ସୁରକ୍ଷା ଓ ଅଭିଯୁକ୍ତ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି ।

ବିବିଧା

ଖଳନାୟକ ଭୂମିକାରେ 'ଶୁଭମ୍'

ନୂଆ ଓଡ଼ିଆ ଚଳଚ୍ଚିତ୍ର 'ଚକ୍ରାନ୍ତ' ଜାନୁଆରୀରେ ଶୁଭମୁକ୍ତି ପାଇଁ ପ୍ରସ୍ତୁତ ହୋଇସାରିଛି । ତେବେ ମୁଖ୍ୟ ଆକର୍ଷଣ ହେଲା ଫିଲ୍ମରେ ଖଳନାୟକ ଚରିତ୍ରରେ ନବାଗତ ଅଭିନେତା ଶୁଭମ୍ ପାଢ଼ୀ ଏଣ୍ଟ୍ରି କରିଛନ୍ତି । ଶୁଭମ ପୂର୍ବରୁ ଦୁଇଟି ଫିଲ୍ମ 'କେମିତି କହିବି ମୁଁ' ଓ 'ଶ୍ରୀମାନ ଶ୍ରୀମୁକ୍ତ'ରେ ଅଭିନୟ କରିସାରିଛନ୍ତି । ତେବେ ଓଲିଉଡ୍‌ରେ ଖଳନାୟକର ଅଭାବ ଥିବା ବେଳେ ଆଉ ଜଣେ ନୂଆ ଖଳନାୟକ ଶୁଭମ୍‌ଙ୍କର ଏଣ୍ଟ୍ରି ନିଶ୍ଚିତ ଏହି ଅଭାବକୁ ପୂରଣ କରିବ । ଯାହାକି ଆଗାମୀ ଦିନ ପାଇଁ ଶୁଭ ଖବର । ଲକ୍ଷ୍ମୀଶ୍ରୀ ପ୍ରଡକ୍‌ସନ୍ ବ୍ୟାନରରେ ପ୍ରସ୍ତୁତ ତଥା ସୌଲଭ ପାଢ଼ୀଙ୍କ ପ୍ରଯୋଜିତ ଏହି ନୂଆ ଓଡ଼ିଆ ଚଳଚ୍ଚିତ୍ରରେ ଭୂମିକାଙ୍କ ସହିତ ନାୟକ ମଣ୍ଟୁ ନଜର ଆସୁଛନ୍ତି । 'ଚକ୍ରାନ୍ତ'ର ଚିତ୍ରନାଟ୍ୟ ଓ ନିର୍ଦ୍ଦେଶନା ଭାର ତାଙ୍କେଇଛନ୍ତି ନିର୍ଦ୍ଦେଶକ ପିନ୍ଟୁ ନାୟକ । କାହାଣୀ ରଚନା କରିଛନ୍ତି ବିଣା ପାଢ଼ୀ ଏବଂ ସଂଳାପ ରଚନା କରିଛନ୍ତି ଜିତେନ୍ଦ୍ର କୁମାର ବରାଳ । ଗୀତ ଡ. ନିର୍ମଳ ନାୟକ ଏବଂ ଡ. ରଘୁନାଥ ସାହୁ ରଚନା କରିଥିବା ବେଳେ ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ଅଭିଜିତ ମଜୁମଦାର । ଚିତ୍ରଗ୍ରହଣ ଦାୟିତ୍ୱରେ ସ୍ୱଦର୍ଶନ ସେନାପତି ଅଛନ୍ତି । ହରିହର ମହାପାତ୍ର, ଚୌଧୁରୀ ଜୟପ୍ରକାଶ ଦାସ, ପ୍ରଦ୍ୟୁମ୍ନ ଲେଙ୍କା, ଧରିତ୍ରୀ ଖୁଣ୍ଟିଆ, ସୁରଭି, ଭୌମ୍ୟ ଶତପଥୀ, ଶୁଭମ ପାଢ଼ୀ, ସୁମନ ମହାନ୍ତି, କୃଷ୍ଣା ତ୍ରିପାଠୀ, ପ୍ରମୋଦ ରାଉତ, ତୁଷାର, ରମାକାନ୍ତ, ନିରଞ୍ଜନ ବିଶ୍ୱାଳ, ପୁଣ୍ୟତୋୟା ମିଶ୍ର ଏବଂ କ୍ରିଷ୍ଣାରାଣୀ ଦାଶ ପ୍ରମୁଖ ଏଥିରେ ଅଭିନୟ କରୁଛନ୍ତି । ଆକ୍ସନ ଓ ରୋମାନ୍ସରେ ଭରା ଏଇ ଫିଲ୍ମଟି ସମ୍ପୂର୍ଣ୍ଣ ମନୋରଞ୍ଜନର ଖୋରାକ ଯୋଗାଇବ । ସିନେମାଟିରେ ଭରପୂର କମେଡ଼ି ମଧ୍ୟ ଅଛି । ଏହି ଫିଲ୍ମରେ ଗାଁ ପରିବେଶ ତଥା ମାଟିର ବାସ୍ନା ଅନୁଭବ କରି ହେବ । ■

ପରଦା ପଛର କାହାଣୀ

'ମୋଗାମ୍ବୋ' ପାଇଁ ସାତ ଦିନରେ କଷ୍ଟ୍ୟୁମ୍ ତିଆରି

ହିନ୍ଦୀ ସିନେମାରେ ଅନେକ ଫିଲ୍ମ ରହିଛି, ଯେଉଁଥିରେ ଅଭିନେତାଙ୍କଠୁ ଅଧିକ ଖଳନାୟକ ଚରିତ୍ର ଲୋକପ୍ରିୟ ହୋଇଛନ୍ତି । ସେହିଭଳି ଜଣେ ପ୍ରସିଦ୍ଧ ଖଳନାୟକ ଚରିତ୍ର ମଧ୍ୟରେ 'ମୋଗାମ୍ବୋ' ଅନ୍ୟତମ । ଏହି ଚରିତ୍ରଟିରେ ପ୍ରସିଦ୍ଧ କଳାକାର ଅମରିଶ୍ ପୁରୀ ଅଭିନୟ କରିଥିଲେ । ୧୯୮୭ ମସିହାରେ ମୁକ୍ତିଲାଭ କରିଥିଲା 'ମିଷ୍ଟର ଇଣ୍ଡିଆ' ଫିଲ୍ମ । ଏହି ସିନେମାରେ ଅମରିଶ୍ ପୁରୀଙ୍କ ସମେତ ଅନିଲ୍ କପୁର, ଶ୍ରୀଦେବୀ ଓ ସତୀଶ୍ କୌଶିକଙ୍କ ଲୋକପ୍ରିୟ କଳାକାରମାନେ ଚମତ୍କାର ଅଭିନୟ କରିଥିଲେ । ନିକଟରେ କଷ୍ଟ୍ୟୁମ୍ ଡିଜାଇନର୍ ମାଧବ ଅଗସ୍ତୀ ଫିଲ୍ମର ଲୋକପ୍ରିୟ ଚରିତ୍ର 'ମୋଗାମ୍ବୋ'ର କଷ୍ଟ୍ୟୁମ୍ ପଛର ରୋଚକୀୟ କଥା ପ୍ରକାଶ କରିଛନ୍ତି । ଏହାକୁ ସେ ତାଙ୍କ ପୁସ୍ତକ 'ଷ୍ଟିଚିଂ ଷ୍ଟାରଡମ୍ : ପର୍ ଆଇକନ୍ସ, ଅନ୍ ଆଣ୍ଡ ଅଫ୍‌ସ୍କ୍ରିନ୍'ରେ ବର୍ଣ୍ଣନା କରିଛନ୍ତି । ଏହି ପୁସ୍ତକରେ ସେ ଉଲ୍ଲେଖ କରିଛନ୍ତି – ଫିଲ୍ମ ନିର୍ଦ୍ଦେଶକ ଶେଖର୍ କପୁର୍ ଓ ନିର୍ମାତା ବୋନି କପୁର୍ ତାଙ୍କ ଦୋକାନକୁ ଆସିଥିଲେ । ଆଉ ତାଙ୍କୁ କହିଥିଲେ" ଆମକୁ ଖଳନାୟକ ପୋଷାକ ଆବଶ୍ୟକ, ଯେଉଁଥିରେ ଉଭୟ ବିଦେଶୀ ଏକଛତ୍ରବାଦୀ ଶାସକ ଓ ଦେଶୀ ଜମିଦାରର ଝଲକ ଥିବ ।" ଏଥିପାଇଁ ମାଧବ ବିଦେଶୀ ଖବରକାଗଜ, ପତ୍ରିକା ଏବଂ ଫିଲ୍ମ ଇତିହାସର ପୁସ୍ତକ ଉପରେ ଗବେଷଣା କରିଥିଲେ । ଅନେକ ସେପର୍ କଟିଂ କରିବା ପରେ ଶେଷରେ ସେ ମୋଗାମ୍ବୋ ପାଇଁ କଷ୍ଟ୍ୟୁମ୍ ଡିଜାଇନ କରିଥିଲେ । ଏହି ପୋଷାକ ପ୍ରସ୍ତୁତ କରିବା ପାଇଁ ତାଙ୍କୁ ସାତ ଦିନ ସମୟ ଲାଗିଥିଲା । ଏହାକୁ ଦେଖି ଫିଲ୍ମ ପ୍ରଯୋଜକ ବୋନି କପୁର୍ ବେଶ୍ ଖୁସି ହୋଇଥିଲେ । ପୋଷାକ ପ୍ରସ୍ତୁତ କରିବାକୁ ମାଧବ ପାରିଶ୍ରମିକ ବାବଦକୁ ୨୫ ହଜାର ଟଙ୍କା ନେଇଥିଲେ । କିନ୍ତୁ ବୋନି କପୁର୍ ତାଙ୍କ ସୃଜନଶୀଳତା ଦେଖି ଖୁସି ହୋଇ ମାଧବଙ୍କୁ ଆହୁରି ୧୦ ହଜାର ଟଙ୍କା ଅଧିକ ଦେଇଥିଲେ । ଶେଷରେ ଏହି ପୋଷାକକୁ ଦେଖି ଅମରିଶ୍ କହିଥିଲେ 'ମୋଗାମ୍ବୋ ଖୁସ୍ ହୁଆ...' । ■

ଅନୀସଙ୍କ ଫିଲ୍ମରେ ଅକ୍ଷୟ

ବଲିଉଡ୍‌ର ଲୋକପ୍ରିୟ ଅଭିନେତା ଅକ୍ଷୟ କୁମାରଙ୍କୁ ଅନୀସ ବଜ୍‌ମିଙ୍କର ଆଗାମୀ ସିନେମାରେ ଦେଖିବାକୁ ମିଳିବ । ପୂର୍ବରୁ ଦୁହେଁ 'ଆଙ୍କ ଗ୍ଲୁ', 'ଓ୍ୱେଲକମ୍' ଭଳି ସିନେମାରେ କାମ କରିସାରିଛନ୍ତି । ତେଣୁ ଏବେ ଏହି ଯୋଡ଼ିକୁ ପୁଣି ଥରେ ଏକ ନୂଆ ଫିଲ୍ମରେ ଦେଖିବାକୁ ମିଳିବ । ତେବେ ଫିଲ୍ମଟିର ବିଶେଷତ୍ୱ ହେଉଛି ଏହା ଡବଲ୍ ରୋଲ୍ ଉପରେ ଆଧାରିତ । ଅକ୍ଷୟ ଏହି ସିନେମାରେ ମୁଖ୍ୟ ଚରିତ୍ରରେ ନଜର ଆସିବେ । ତେବେ ଏହା ଡବଲ ରୋଲ୍ ଉପରେ ଆଧାରିତ କୌଣସି କମେଡ଼ି ସିନେମା ନୁହେଁ, ବରଂ ଏହା ଏକ ନୂଆ ପାରିବାରିକ ଡ୍ରାମା ଉପରେ ପର୍ଯ୍ୟବସିତ । ଅନ୍ୟପଟେ ପୂର୍ବରୁ ଜଣାଯାଉଥିଲା ଅନୀସ ରାମ ଏବଂ ଶ୍ୟାମ ନାମକ ଫିଲ୍ମ ନିର୍ମାଣ କରୁଛନ୍ତି । ଏହା ଏକ ଡବଲ୍ ରୋଲ୍ ଫିଲ୍ମ ହେବ । ଯେଉଁଥିପାଇଁ ପ୍ରଥମେ କାର୍ତ୍ତିକ ଆର୍ଯ୍ୟନ, ରଣବୀର କପୁର, ରଣବୀର ସିଂହ ସାମିଲ ହେବା ନେଇ ଚର୍ଚ୍ଚା ହେଉଥିଲା । ହେଲେ ଏବେ ସିନେମା ଲାଗି ଅକ୍ଷୟ ମନୋନୀତ ହୋଇଛନ୍ତି । ଏବେ ଏହା ପ୍ରି-ପ୍ରଡକସନ ପର୍ଯ୍ୟାୟରେ ଅଛି ଏବଂ ଏହାର ସୁଟିଂ ୨୦୨୬ରେ ଆରମ୍ଭ ହେବ । ଅନ୍ୟପଟେ ଫିଲ୍ମ ନିର୍ମାତା ଫିଲ୍ମ ସହ ଜଡ଼ିତ ଅନ୍ୟ ତଥ୍ୟ ଗୋପନ ରଖିଛନ୍ତି । ■

'ମହାକାଳୀ'ରେ ଭୂମି

ଫିଲ୍ମ ନିର୍ଦ୍ଦେଶକ ପ୍ରଶାନ୍ତ ବର୍ମା ତାଙ୍କ ଆଗାମୀ ସିନେମା 'ମହାକାଳୀ'କୁ ନେଇ ବାର୍ତ୍ତା ଦିନ ହେବ ଚର୍ଚ୍ଚାରେ ଅଛନ୍ତି । ଏହି ସିନେମାରେ ଅକ୍ଷୟ ଖାନ୍ନା ଦୈତ୍ୟ ଗୁରୁ ଶୁକ୍ରାଚାର୍ଯ୍ୟ ଚରିତ୍ରରେ ନଜର ଆସିବେ । ତେବେ ଏବେ ସିନେମାର ମୁଖ୍ୟ ଚରିତ୍ର ଉପରୁ ପରଦା ହଟିଛି । ପ୍ରଶାନ୍ତ ପ୍ରଥମ ମହିଳା ସୁପରହିରୋ ଭାବେ ଭୂମି ଶେଟ୍ଟିଙ୍କୁ ପରିଚିତ କରାଇଛନ୍ତି । ଭୂମି ୨୦୨୧ ମସିହାରେ କନଡ଼ ସିନେମା 'ଇକ୍କଟ'ରୁ ନିଜ ସିନେମା କ୍ୟାରିୟର ଆରମ୍ଭ କରିଥିଲେ । ସିନେମାର ପ୍ରଥମ ପୋଷ୍ଟର୍ ମଧ୍ୟ ରିଲିଜ୍ କରାଯାଇଛି । ଏଥିରେ ଭୂମିଙ୍କ ଦମ୍‌ଦାର ତଥା ମହାକାଳୀର ଲୁକ୍ ସାମ୍ନାକୁ ଆସିଛି । ଯାହାକୁ ଲୋକେ ପସନ୍ଦ ମଧ୍ୟ କରିଛନ୍ତି । ତେବେ ସିନେମାର ୫୦ ପ୍ରତିଶତରୁ ଅଧିକ ଭାଗ ସୁଟିଂ ପୂରା ହୋଇସରିଲାଣି । ଏବେ ହାଇଦ୍ରାବାଦରେ ବିଶେଷ ଭାବେ ନିର୍ମିତ ଏକ ଭବ୍ୟ ସେଟ୍‌ରେ ଏହାର ସୁଟିଂ ଜାରି ରହିଛି । ତେବେ ସିନେମାର କାହିଁ ଏବଂ ଏସ୍‌ପ୍ରକାର ସ୍ପଷ୍ଟ ହେଉଛି ଯେ, ଏହା ଦେବୀ କାଳୀଙ୍କ କାହାଣୀ ସହିତ ଜଡ଼ିତ । ଏହାର କାହାଣୀ ବି ପ୍ରଶାନ୍ତ ବର୍ମା ଲେଖିଛନ୍ତି । ■

'ଜେମ୍‌ସ ଅଫ୍ ଓଡ଼ିଶା ୨୦୨୫'ର ବିଜୟିନୀ ଶ୍ରଦ୍ଧା

ଛତ୍ରପୁର ବିକଟ ତାମ୍ବରାଠାରେ 'ଜେମ୍‌ସ ଅଫ୍ ଓଡ଼ିଶା ଇଣ୍ଡିଆ ୨୦୨୫'ର ଦୁଇ ଦିବସୀୟ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି । ଏହି ଉଦ୍‌ଯାପନୀ ଉତ୍ସବରେ ଡକ୍ଟର ସୁନୀତା ଭାଥେନ, ଶ୍ରୀମତୀ ସୁଧା ବର୍ତ୍ତାଣ ସାହୁ, ଡକ୍ଟର ଭୁବନେଶ୍ୱରୀ ବେହେରା, ପ୍ରତିଷ୍ଠାତ୍ରୀ ଶ୍ରୀମତୀ ଅନିତା ମଲ୍ଲିକ, ଆୟୋଜକ ରମାଶଙ୍କର ଦାସ ପ୍ରମୁଖ ଉପସ୍ଥିତ ଥିଲେ । ସେଲିବ୍ରିଟି ବିଚାରକ ଭାବେ ଅଭିନେତା ହରିହର ଦାସ, ଅଭିନେତ୍ରୀ ସୂର୍ଯ୍ୟମୟୀ ମହାପାତ୍ର ଏବଂ ବ୍ରାଣ୍ଡ ଅମ୍ବାସଡର ଭାବେ ଅର୍ପିତା ସାହୁ, ଉପସ୍ଥାପନାରେ ଶୁଭୋଜିତ ପଣ୍ଡା, ଉପଦେଷ୍ଟା ଭାବେ ଟିଭି ଏବଂ ମିଡ଼ିଆ ପ୍ଲାନର କ୍ରିଏଟିଭ୍ ହେଡ୍ ପ୍ରଣୟ ଜେଠୀ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମକୁ ୨ଟି ଭାଗରେ ବିଭକ୍ତ କରାଯାଇଛି । ରାଣୀ ଏବଂ ଦିବ୍ୟାଙ୍ଗମାନଙ୍କ ପାଇଁ ଶ୍ରୀଶକ୍ତି । ରାଣୀ ବର୍ଗରେ ସମ୍ବଲପୁରର ଶ୍ରିଅଶ୍ରଦ୍ଧା ପ୍ରଧାନ ବିଜୟୀ ହୋଇଥିବା ବେଳେ ଭୁବନେଶ୍ୱରର ଡାକ୍ତର ମୋନାଲିସା ମିଶ୍ର ପ୍ରଥମ ରନର୍ ଅପ୍ ଏବଂ ସବିତା ରାଣୀ ମଲ୍ଲିକ ଦ୍ୱିତୀୟ ରନର୍ ଅପ୍ ହୋଇଛନ୍ତି । ସେହିପରି ଶ୍ରୀଶକ୍ତି ବର୍ଗରେ ଛତିଶଗଡ଼ର ମହିମା ସାହାରେ ଏବଂ ଦେଶାସିନର ହୋଇଥିବା ବେଳେ ମାଲତୀ ଜଇଶ୍ୱାଲ ଏବଂ ଖୈରଭୀ ପ୍ରଥମ ରନର୍ ଅପ୍ ଏବଂ ବ୍ରହ୍ମପୁରର ଜଣେ ଭିନ୍ନକ୍ଷମ ଝିଅ ରଞ୍ଜନୀ ନାହାକ ଦ୍ୱିତୀୟ ରନର୍ ଅପ୍ ହୋଇଛନ୍ତି । ପ୍ରତ୍ୟେକ ନାରୀର ଇଚ୍ଛା ଥାଏ ହେଲେ କୌଣସି କାରଣରୁ ସେ ତାର ସାଧୀନ ଚିନ୍ତାଧାରାକୁ ଆଗକୁ ଆଣିବାରେ ଅକ୍ଷମ ହୋଇଥାଏ । ତାହାକୁ ଲୋକ ଲୋଚନକୁ ଆଣିବା ପାଇଁ ଏବଂ ସେମାନଙ୍କ ଲୁକ୍କାୟିତ ପ୍ରତିଭାକୁ ଆଗକୁ ବଢ଼ାଇବା ପାଇଁ ଭୁବନେଶ୍ୱରର ଜେମ୍ସ ଅଫ୍ ଓଡ଼ିଶା ଆରମ୍ଭ କରିଥିଲା ଏହି ପ୍ରୟାସ । ରାଜ୍ୟ ଭିତର ଏବଂ ରାଜ୍ୟ ବାହାରୁ ଛତିଶଗଡ଼, ଗୋଆ, ମୁମ୍ବାଇ ଏବଂ ବେଙ୍ଗାଲୁରୁର ବିଭିନ୍ନ ବର୍ଗର ମହିଳା, ଯୁବତୀ, ଏପରିକି ଦିବ୍ୟାଙ୍ଗମାନଙ୍କୁ ରାତ ୨ମାସ ଧରି ପ୍ରଶିକ୍ଷକଙ୍କ ଦ୍ୱାରା ଯୋଗ, ବିୟୁଟି ସହ ଅନ୍ୟାନ୍ୟ ଇଭେଣ୍ଟରେ ତାଲିମ ଦିଆଯାଇଥିଲା । ତେବେ ଜୁରୀମାନଙ୍କ ଦ୍ୱାରା ମନୋନୀତ କୃତୀ ପ୍ରତିଯୋଗୀମାନେ ଫାଇନାଲ୍ ରାଉଣ୍ଡରେ ଭାଗ ନେଇଥିଲେ । ■

ସାକ୍ଷାତ୍କାର

ନୃତ୍ୟର ଅଙ୍ଗଭଙ୍ଗୀ ମାଧ୍ୟମରେ ସେ ନିଜ ମନର ଭାବନାକୁ ପ୍ରକାଶ କରୁଥିଲେ । ନିଜର ସଂସ୍କୃତି ଓ ପରମ୍ପରାକୁ ଜୀବିତ ରଖିବାକୁ ନୃତ୍ୟ ପରିବେଷଣ କରୁଥିଲେ । ପିଲାଟି ଦିନରୁ ଅଭିନେତ୍ରୀ ହେବାକୁ ସ୍ୱପ୍ନ ଦେଖୁଥିଲେ କଟକର ତୃପ୍ତି ମିରାମ୍ବିକା । ନୃତ୍ୟକଳା କ୍ଷେତ୍ରରେ ପାରଦର୍ଶିତା ପ୍ରଦର୍ଶନ କରିବା ସହିତ ବଡ଼ ପରଦା ମଧ୍ୟ ଅଭିନେତ୍ରୀ ଭାବେ ଖ୍ୟାତି ଅର୍ଜନ କରିଛନ୍ତି । ପ୍ରାୟ ୫ରୁ ୬ଟି ସିନେମାରେ ମୁଖ୍ୟ ନାୟିକା ଭାବେ ଅଭିନୟ କରିଛନ୍ତି ତୃପ୍ତି । ଖୁବ୍ ଶୀଘ୍ର ତାଙ୍କ ଅଭିନୀତ 'ଦର୍ପଣ' ଏବଂ 'ମଙ୍ଗଳପୁର ଡାଏରୀ' ସିନେମା ରିଲିଜ୍ ହେବ । ତେବେ ଏହି ଅଭିନେତ୍ରୀଙ୍କ ଅଭିନୟ ଯାତ୍ରା କେମିତି ରହିଥିଲା ଜାଣିବା ତାଙ୍କ ମୁହଁରୁ ।

"ଭିନ୍ନ ଭିନ୍ନ ଚରିତ୍ରରେ କାମ କରିବାକୁ ଭଲ ଲାଗେ"

ତୃପ୍ତି ମିରାମ୍ବିକା, ଅଭିନେତ୍ରୀ

ଆପଣ ଜଣେ ଓଡ଼ିଶୀ ନୃତ୍ୟଶିଳ୍ପୀ । ନାୟିକା ହେବାର ଭାବ୍?

● ପିଲାଟି ଦିନରୁ ଓଡ଼ିଶୀ ନୃତ୍ୟ କରୁଥିଲି । ମଞ୍ଚରେ ମୁଁ ନୃତ୍ୟ ପରିବେଷଣ କରିଛି । ବହୁତ ସମ୍ମାନ ମିଳିଛି ମୋତେ । ସ୍କୁଲରେ ଛୋଟ ଛୋଟ ଅଭିନୟ କରୁଥିଲି । ତେଣୁ ଅଭିନେତ୍ରୀ ହେବାର ଇଚ୍ଛା ଥିଲା । 'ମହାଦେବୀ' ଧାରାବାହିକରେ ମୁଖ୍ୟ ନାୟିକା ଭାବେ ଅଭିନୟ କରିଛି । ସିନେମାରେ କାମ କରିବାକୁ ଅଡିସନ୍ ଦେଇ ପ୍ରଥମ ଚଳଚ୍ଚିତ୍ର 'ପ୍ରୀତି ବନ୍ଧନ' କରିଥିଲି । ମୋ ବିପକ୍ଷରେ ଥିଲେ ସମ୍ବିତ । ଏହା ପରେ ଏକାଧିକ ସିନେମାରେ ମୁଁ ଭିନ୍ନ ଭିନ୍ନ ଚରିତ୍ରରେ କାମ କରିଛି । ଆଉ ଦର୍ଶକଙ୍କ ଭଲ ପାଇବା ପାଉଛି ।

ପ୍ରଥମେ କ୍ୟାମେରାକୁ କେମିତି ସାମ୍ନା କଲେ?

● ନୃତ୍ୟ ମାଧ୍ୟମରେ ଭିନ୍ନ ଭିନ୍ନ ଅଭିନୟ କରିବାକୁ ପଡ଼େ । ହେଲେ କ୍ୟାମେରାକୁ ସାମ୍ନା କରିବା ସମୟରେ ମୁଁ ପୁରା ନୂଆ ଥିଲି । ଭୟ ଲାଗୁଥିଲା । ହେଲେ ସମସ୍ତ ସିନିୟରଙ୍କ କଥାକୁ ଶୁଣି କ୍ୟାମେରାକୁ ସାମ୍ନା କରିଥିଲି । ସମୟକ୍ରମେ ମୋର ଅଭ୍ୟାସ ହୋଇଗଲା ।

ଆଗାମୀ ଯୋଜନା ବିଷୟରେ କିଛି କୁହନ୍ତୁ?

● ଓଲିଉଡ୍ ଫିଲ୍ମ ଇଣ୍ଡଷ୍ଟ୍ରିରେ ଭିନ୍ନ ଭିନ୍ନ ଚରିତ୍ରରେ କାମ କରିବା ମୋ ପାଇଁ ସୌଭାଗ୍ୟର ବିଷୟ । ପୂର୍ବରୁ ଅମ୍ଲାନ ଦାସଙ୍କ ସହିତ 'ସମୟ କହିବ କିଏ କାହାର' କରିଥିଲି । ଏହି ସିନେମାକୁ ଦର୍ଶକ ବହୁତ ଭଲପାଇବା ଦେଇଥିଲେ । ଏହାବାଦ୍ ୫ରୁ ୬ଟି ସିନେମାରେ କାମ କରିଛି । ଆଗକୁ ମୋର ସିନେମା 'ଦର୍ପଣ' ରିଲିଜ୍ ହେବ । ଏଥିରେ ସ୍ୱିଟିଚୁଆଲ ଗୀତ ରହିଛି । ଘଞ୍ଚ ଜଙ୍ଗଲ, ବିଳମ୍ବିତ ରାତିରେ ସୁଟିଂ ହୋଇଛି ସିନେମାଟି । ମୋତେ କାହାଣୀ ଲାଗୁଛି, ଯେତେବେଳେ ହୋସ୍ ଆସୁଛି ମୁଁ ଠାକୁରଙ୍କୁ ଡାକୁଛି । ସିନେମା ପାଇଁ ପୁରା ଟିମ୍ ପରିଶ୍ରମ କରିଛୁ । ଓଲିଉଡ୍ ଇଣ୍ଡଷ୍ଟ୍ରିରେ ଭୂତପ୍ରେତକୁ ନେଇ ତିଆରି ହେଉଥିବା 'ଦର୍ପଣ'କୁ ଦର୍ଶକ ନିଶ୍ଚୟ ଭଲ ପାଇବେ । ଠିକ୍ ସେହିପରି 'ମଙ୍ଗଳପୁର ଡାଏରୀ'ରେ ମୁଁ ଓଡ଼ିଶୀ ନୃତ୍ୟଶିଳ୍ପୀ ଚରିତ୍ର ନିଭାଉଛି । ଏବେ ଏହି ଫିଲ୍ମର ସୁଟିଂ ଚାଲିଛି । ଏହା ଏକ ସସପେନ୍ସ ଥ୍ରିଲର । ଏଥିରେ ଅମ୍ଲାନ ଅଛନ୍ତି । ତେବେ ଦୁଇଟି ସିନେମାର ମୁଁ ମୁଖ୍ୟ ନାୟିକା ।

ପଢ଼ା ସହ ଅଭିନୟ କରିବାରେ କେବେ ସମସ୍ୟା ହୋଇନି?

● ବର୍ତ୍ତମାନ ଏମ୍‌ବିଏ ପଢ଼ୁଛି । କିଛ କାମ ଭିତରୁ ସମୟ କାଢ଼ି ପାଠ ପଢ଼େ । ସୁଟିଂ ନଥିଲେ କ୍ଲାସ୍ କରେ । ଅନ୍‌ଲାଇନ୍‌ରେ ବି ପଢ଼େ । ପଢ଼ାରେ କେବେ ଅବହେଳା କରିନି କି କରିବିନି । ଯେମିତି ଯେଉଁ ଚରିତ୍ର ମିଳୁଛି ତାହାକୁ ଶତ ପ୍ରତିଶତ ଦେବାକୁ ଚେଷ୍ଟା କରେ । ଚରିତ୍ରକୁ ନିଖୁଣ ଭାବେ ଫୁଟାଇବାକୁ ମୁଁ ଦର୍ପଣ ସାମ୍ନାରେ ଅଭ୍ୟାସ କରେ । ଭିନ୍ନ ଭିନ୍ନ ଭାଷାଭାଷୀ ସିନେମା ଦେଖି ସମସ୍ତ ଚରିତ୍ରକୁ ଅନୁକରଣ କରେ । ଏଭାଇଡ୍‌ରେ ଥିବା ପାର୍ଟ ମୁଁ ଅଭ୍ୟାସ କରୁଥିବି ।

ଅଭିନୟକୁ ବାଦ୍ ଦେଲେ କ'ଣ କରନ୍ତି?

● ଅଭିନୟ ନୃତ୍ୟକୁ ବାଦ୍ ଦେଲେ, ପେଣ୍ଟିଂ କରେ । ମୁକ୍ତକ ପଢ଼େ । ନୂଆ ନୂଆ ସ୍ଥାନକୁ ବୁଲିବାକୁ ଭଲ ଲାଗେ ।

ଆପଣଙ୍କ ଡ୍ରିମ୍ ରୋଲ୍?

● ପ୍ରତ୍ୟେକ କଳାକାର ନିଜ ଜୀବନରେ ସବୁ ଚରିତ୍ରରେ ଅଭିନୟ କରିବାକୁ ଇଚ୍ଛା ରଖନ୍ତି । ମୁଁ ମଧ୍ୟ ଭିନ୍ନ ଭିନ୍ନ ଚରିତ୍ରରେ କାମ କରିବାକୁ ସ୍ୱପ୍ନ ଦେଖୁଛି । ହେଲେ ଆକ୍ସନ୍ ସିନେମା କାମ କରିବାକୁ ମୋର ବହୁତ ଇଚ୍ଛା ଅଛି । ଯାହା ବି ରୋଲ୍ ମିଳିବ ତାହାକୁ ସୁରୁଖୁରୁରେ କରିବି ।

ଅଭିନୟ ଜଗତରେ ଟିକି ରହିବାକୁ ହେଲେ କ'ଣ କରିବା ଦରକାର?

● ନିଜ ଉପରେ ବିଶ୍ୱାସ ରଖନ୍ତୁ । ନିଜ ଦକ୍ଷତାକୁ ଚିହ୍ନନ୍ତୁ । ନିଜ କାମକୁ ଭଲ ପାଆନ୍ତୁ । ଗୁରୁଜନଙ୍କ କଥା ମାନି ଚାଲିବା ଭଲ । ଲକ୍ଷ୍ୟ ସ୍ଥଳରେ ପହଞ୍ଚିବା ପାଇଁ କଠିନରୁ କଠିନ ପରିଶ୍ରମ କରନ୍ତୁ । ■

ଉତ୍କଳ ସମାଚାର

ସମ୍ପାଦକୀୟ...

ଶୁକ୍ରବାର ୬ ମାର୍ଚ୍ଚ ୨୦୨୬

ଆନନ୍ଦ ଓ ଆହ୍ଲାଦର ସହ ଭଗବାନଙ୍କ ନାମ ଜପ

ଆପଣ ବାୟୁମଣ୍ଡଳରେ ସୁବାଷିତ ମହକ ଅନୁଭବ କରୁଥିବେ। ସେହିପରି ଅନ୍ୟ କେଉଁଠି ଦୁର୍ଗନ୍ଧର ଅତିଷ୍ଠ ବାସ୍ନା ଆପଣଙ୍କୁ ବ୍ୟଥିତ କରିପାରେ। କଥାଟି ଏହିପରି ବାୟୁମଣ୍ଡଳରେ ଉଚ୍ଚ ଆକାଶରେ ଧୂଳିକଣା ପବନରେ ମୁକ୍ତ ଭାବରେ ବିଚରଣ କରୁଥାଏ। କିନ୍ତୁ ଏହା କଳୁଷିତ ପାଣି ସହିତ ସମ୍ମିଶ୍ରିତ ହୋଇଗଲେ ଏହା ପାଲଟି ଯାଏ କାଦୁଅ। ମଲ୍ଲୀ ଫୁଲକୁ ବା ବିଭିନ୍ନ ବାସ୍ନାର ଫୁଲ ଗୁଡ଼ିକ ବାୟୁର ମାଧ୍ୟମରେ ନିଜ ସୌଗନ୍ଧ ବିତରଣ କରନ୍ତି। କିନ୍ତୁ ସେହି ବାୟୁ ଯେତେବେଳେ କୌଣସି ଦୂଷିତ ବସ୍ତୁ ବା ଦ୍ରବ୍ୟ ଉପରେ ଆତଯାତ ହୁଏ ତମାମ ବାୟୁ ମଣ୍ଡଳଟି ଦୁର୍ଗନ୍ଧରେ ଭରିଯାଏ। ସେହିପରି ଆମେ ଶୁଆର ଉଦାହରଣ ରଖିଥାଉ। ସାଧୁ ସଙ୍ଗରେ ବାସ କଲେ ରାମ ନାମ ଓ ଦୁର୍ଜନଙ୍କ ସହିତ ବାସ କଲେ ଗାଳି ରାବ। ଅତଏବ ଏହାର ଅନୁଚିନ୍ତନର ଅନ୍ତରାର୍ଥ ହେଉଛି ଆମ୍ଭେମାନେ ଗୁରୁଦେବଙ୍କ ସାନ୍ନିଧ ଲାଭ କଲେ ଜ୍ଞାନ ଉଦୟ ହୋଇଥାଏ। ଆମ୍ଭେମାନେ ଶାଶ୍ୱତ ଶାନ୍ତି ରାଜ୍ୟରେ ବିଚରଣ କରିବାର ସୁଯୋଗ ପ୍ରାପ୍ତ ହୋଇଥାଉ। ସଂସାରରେ ଜଣେ ଯେତେ ଆଧାତ୍ମିକ ପୁସ୍ତକ ପଢୁ ନା କାହିଁକି ତିନୋଟି କଥା ମନୁଷ୍ୟକୁ କୁହାଯାଇଥାଏ - 'ଏହି ସଂସାରକୁ କଦାପି ବିଶ୍ୱାସ କରନାହିଁ, ଭଗବାନଙ୍କୁ କଦାପି ଭୁଲ ନାହିଁ, ଆଉ ମୃତ୍ୟୁକୁ କଦାପି ଭୟ କରନାହିଁ।' ଏହି ତିନୋଟି ଆବଶ୍ୟକ। ଆମ୍ଭେମାନେ ଭଗବାନଙ୍କ ଉପରେ ପୂର୍ଣ୍ଣ ବିଶ୍ୱାସ ରଖିବା ଉଚିତ। ଏହି ସଂସାରକୁ ବିଶ୍ୱାସ କରନାହିଁ, କାରଣ ସଂସାର କ୍ଷଣକୁ କ୍ଷଣ ବଦଳିଥାଏ। ଭଗବାନଙ୍କୁ କଦାପି ଭୁଲ ନାହିଁ। ନିଜ ଗୁରୁଙ୍କ ପଦାରବିନ୍ଦରେ ସବୁବେଳେ ନିଜକୁ ସମର୍ପିତ କରି ସତକର୍ମରେ ନିଜକୁ ଆଗେଇ ନେବା ସହ ମୃତ୍ୟୁ ପ୍ରତି କଦାପି ଭୟଭୀତ ହେବା ଅନୁଚିତ। ବେଦାନ୍ତୀୟ ଭାଷାରେ ଏଗୁଡ଼ିକ ମୁଖ୍ୟ ତନ୍ତ୍ୱ। ଦିବ୍ୟତ୍ୱକୁ ଏକ ନିର୍ଦ୍ଦିଷ୍ଟ ସ୍ଥାନ ଓ ପରିସ୍ଥିତି ମଧ୍ୟରେ ସୀମିତ କରିବା ନିର୍ବୋଧତା। ଦିବ୍ୟତ୍ୱ ସର୍ବତ୍ର ବିଦ୍ୟମାନ। ଦିବ୍ୟତ୍ୱ ନଥିବା କୌଣସି ସ୍ଥାନ ନାହିଁ। ଏହା ବିନା କୌଣସି ରୂପ ନାହିଁ। ଏହା ବିନା କୌଣସି ପଦାର୍ଥ ନାହିଁ। ଏହା ଉଭୟ ଚର ଓ ଅଚର ମଧ୍ୟରେ ବିଦ୍ୟମାନ। ସବୁ କିଛି ଅଣୁରେ ଗଢ଼ା ବୋଲି ବୈଜ୍ଞାନିକମାନେ କହନ୍ତି। ସମଗ୍ର ଜଗତ, କାଠ ଖଣ୍ଡରୁ ବକ୍ତା ପର୍ଯ୍ୟନ୍ତ, ଅଣୁରେ ଗଢ଼ା। ସବୁକିଛି ଆଣବିକ ଶକ୍ତିର ସମାହାର। ତେଣୁ ସେମାନେ ଏହାକୁ ଅଣୁ ବୋଲି କହନ୍ତି। କିନ୍ତୁ ଆଧାତ୍ମବାଦୀମାନେ ଏହାକୁ ଶକ୍ତି ବୋଲି କହନ୍ତି। ସେମାନେ ଏହାକୁ ଉର୍ଜା ବୋଲି କହନ୍ତି। ନାମରେ ଭିନ୍ନତା ଅଛି, କିନ୍ତୁ ରୂପ ସମାନ। ଯେଉଁଠାରେ ଅଣୁ ଅଛି ସେଠାରେ ଦିବ୍ୟତ୍ୱ ଅଛି। ପ୍ରତ୍ୟେକ ଅଣୁର ଏକ ନିର୍ଦ୍ଦିଷ୍ଟ ରୂପ ଅଛି। ରୂପ ବିନା ଅଣୁ ନାହିଁ। ଭଗବାନଙ୍କ ଠାରେ ପୂର୍ଣ୍ଣ ବିଶ୍ୱାସ ରହିବା ବେଳେ ଆମେ ଜାଣିବା ଉଚିତ ଯେ ଭଗବାନ ଆମ ହୃଦୟ ଭିତରେ ବିଦ୍ୟମାନ ଅଛନ୍ତି। ଭଗବାନଙ୍କର ଅନେକ ରୂପ ଅଛି। ଭଗବାନ ବିବିଧ ରୂପରେ ବିଶ୍ୱାତ୍ମକ। ପର୍ବତ ଗୁଡ଼ିକ ପଥରରେ, ବନ ଗୁଡ଼ିକ ଗଛରେ, ସମୁଦ୍ର ଗୁଡ଼ିକ ଜଳରେ, ପୃଥିବୀ ମୃନିକାରେ ଓ ମନୁଷ୍ୟ ଶରୀର ମାଂସରେ ଗଠିତ। ସବୁ କିଛି ପଂଚଭୂତର ସମାହାର ଏବଂ ସେଥିପାଇଁ ସବୁ କିଛି ଭଗବାନଙ୍କର ପରିପ୍ରକାଶ। ଭଗବାନ ଏକ ଭିନ୍ନ ରୂପ ନୁହନ୍ତି। ଏହି କଥା ଅନ୍ଧ ଓ ଅଜ୍ଞଜନଙ୍କୁ ପ୍ରଦର୍ଶିତ କରିବା ପାଇଁ ଭଗବାନ ଅବତାର ରୂପରେ ଅବତରଣ କରନ୍ତି। ମନୁଷ୍ୟକୁ ନେଇ ଆନନ୍ଦ ସାଗରର ଅପରପାର୍ଶ୍ୱରେ ଅର୍ଥାଥ ମୋକ୍ଷ ସ୍ଥଳରେ ପହଂଚାଇଦେବା ଲାଗି ସତସଙ୍ଗ ହିଁ ଏକମାତ୍ର ନିରାପଦ ନୌକା। ତେଣୁ ସେହି ନୌକାରେ ଚଢ଼ିବାର ସୁଯୋଗ ଯେପରି ଆମେ ନହରାନ୍ତି। ପୃଥିବୀରେ ସବୁ ପ୍ରାଣୀ ସେମାନଙ୍କର ନିଜର କର୍ତ୍ତବ୍ୟ ସମ୍ପାଦନ କରନ୍ତି। ପଶୁ, ପକ୍ଷୀ, ଜୀବଜନ୍ତୁ ଓ ମଶା ସୂକ୍ଷ୍ମ ଭାବରେ ନିଜର କର୍ତ୍ତବ୍ୟ ସମ୍ପାଦନ କରନ୍ତି। କେବଳ ମଣିଷ ତାର ଦାୟିତ୍ୱ ଭୁଲି ଯାଇଛି। ପକ୍ଷୀମାନେ ଋତୁ ଓ ହେତୁର ଅନୁସରଣ କରନ୍ତି, କିନ୍ତୁ ମନୁଷ୍ୟର ଋତୁ ନାହିଁ କି ହେତୁ ନାହିଁ। ଏହି କାରଣରୁ ମାନବଜାତିକୁ ସୁଧାରିବା ପାଇଁ ଭଗବାନ ମନୁଷ୍ୟ ରୂପରେ ଅବତରଣ କରନ୍ତି। ଯଦି ଗୋଟିଏ ଚିଲ ଆମ ପାଖକୁ ଆସେ ଏବଂ ଆମର ଦୋଷ ଦେଖାଏ ତେବେ ଆମେ ତାକୁ ଟେକା ମାରି ଉଡ଼େଇଦେବା। ସେଥିପାଇଁ ସେ ମାନବ ରୂପ ଧାରଣ କରନ୍ତି। ବୈଜ୍ଞାନିକମାନେ ପରୀକ୍ଷା କରିବାରେ ସବୁ ସମୟ ଅତିବାହିତ କରନ୍ତି। ତଥାପି ସେମାନେ ଅନୁଭୂତିବିରହିତ। ଆମେ ଏସବୁ ପରୀକ୍ଷାରୁ କ'ଣ ପାଉଛୁ? ଗତକାଲିର ଆବିଷ୍କାର ଆଜି ନୂଆ ଦିଶେ ଓ ଆଜିର ଆବିଷ୍କାର କାଲିକୁ ନୂଆ ଦିଶିବ। ଏହା ହିଁ ସାର। ଏହାର କିଛି ଉପଯୋଗିତା ନାହିଁ। ଭକ୍ତିମାର୍ଗ ଜ୍ଞାନମାର୍ଗ ଅପେକ୍ଷା ସହଜତର। ଜ୍ଞାନ ଅତି କଷ୍ଟକର। ଏହା ପ୍ରତ୍ୟେକଙ୍କୁ ଦିଆଯାଇନାହିଁ। ଆମର ଦୃଷ୍ଟିକୁ ଭଗବାନଙ୍କ ଆଡ଼କୁ ନିର୍ଦ୍ଦେଶିତ କରିବା। ତେବେ ସବୁ କିଛି ଆମ ପାଖକୁ ଆସିପାରିବ। ଏହି ଭକ୍ତିର ଉର୍ଦ୍ଧ୍ୱରେ ଆଉ କିଛି ନାହିଁ। ଆନନ୍ଦ ଓ ଆହ୍ଲାଦର ସହ ଭଗବାନଙ୍କ ନାମ ଜପ କରିବା ଯାହାଦ୍ୱାରା ଆମ୍ଭେମାନେ ଏ ପୃଥିବୀରେ ସବୁକିଛିକୁ ପ୍ରାପ୍ତ ହେବା ସହ ଦିବ୍ୟ ଜୀବନ ଓ ଶାନ୍ତିର ଅଧିକାରୀ ହୋଇପାରିବା। ଜୀବନ କ୍ଷୁଦ୍ର ଏଣେ ସମୟ ପ୍ରଖର ବେଗରେ ଗଡ଼ି ଚାଲିଛଇ। ମୃତ୍ୟୁ ଅପେକ୍ଷା କରି ରହିଛି କେଉଁ ମୁହୂର୍ତ୍ତରେ ଆମ୍ଭ ମାନଙ୍କୁ ତାର ସର୍ବଗ୍ରାସି ଆହ୍ୱାନ ଭିତରେ ସ୍ଥାନ ଦେବା ପାଇଁ। ଆତ୍ମସାକ୍ଷାତ କରି ସତଚିତ ଆନନ୍ଦ ପରମାତ୍ମାଙ୍କ ସାକ୍ଷାତ ଲାଭ ଉଠାଇ ଦିବ୍ୟ ଗୁରୁଦେବଙ୍କ ନାମ ସ୍ମରଣ କଲେ ଜୀବନ ଚକ୍ରରୁ ମୁକ୍ତି ପାଇ ପାରିବା।

ବହି ବିବାଦ

ଏବେ, ହୁଏତ କୌଣସି କୁତୂହଳୀ ଅଷ୍ଟମ ଶ୍ରେଣୀର ଛାତ୍ର ବା ଛାତ୍ରୀଙ୍କ ମନରେ ସଂଶୟ ସୃଷ୍ଟି ହେଉଥିବ ଯେ ସରକାରଙ୍କ ବିଭାଗ ଓ ଅନୁଷ୍ଠାନ ମଧ୍ୟରେ ପୁଣି ଚକ୍ରାନ୍ତ କାହିଁକି? ଏହା ବୁଝିବାକୁ ପ୍ରଶ୍ନ କରି ସେମାନେ ଉତ୍ତର ମଧ୍ୟ ପାଇ ପାରନ୍ତି। ହୁଏତ, ତା' ପରେ ସେମାନଙ୍କ ଦୃଷ୍ଟିରେ ବହିରେ ପଠିତ ଗଣତନ୍ତ୍ର ଓ ବାସ୍ତବରେ ଅଭିନୀତ ଗଣତନ୍ତ୍ର ମଧ୍ୟରେ ପ୍ରଭେଦ ଦିଶି ଯାଇପାରେ। ଖୁବ୍ କମ୍ ବୟସରେ ବିଶ୍ୱାସ ଭଙ୍ଗ ମଧ୍ୟ ଘଟିପାରେ! ଗଲା ଗୁରୁବାର ଦିନ ମାନ୍ୟବର ସର୍ବୋଚ୍ଚ ଅଦାଲତଙ୍କ କଡ଼ା ଆଦେଶ ପରେ ଏନ.ସି.ଇ.ଆର.ଟି. ଦ୍ୱାରା ଅଷ୍ଟମ ଶ୍ରେଣୀର ଛାତ୍ରଛାତ୍ରୀଙ୍କ ସକାଶେ ପ୍ରଣୀତ ସାମାଜିକ ବିଜ୍ଞାନ ବହି ଆଉ କେ?ଣସି ସ୍ଥାନରେ ମୁଦ୍ରିତ ଆକାରରେ ହେଉ ବା ଡିଜିଟାଲ ରୂପରେ ହେଉ ଉପଲବ୍ଧ ହେବ ନାହିଁ। ପ୍ରକାଶ ଥାଉ କି ତହିଁରେ ଭାରତୀୟ ବିଚାର ବ୍ୟବସ୍ଥା ଉପରେ ପର୍ଯ୍ୟବସିତ ଏକ ବିଷୟର ଉପ-ଅଧ୍ୟାୟରେ ନ୍ୟାୟପାଳିକାର ଦୁର୍ନୀତି ଏବଂ ବିଚାର ଅପେକ୍ଷାରେ ବର୍ଷବର୍ଷ ଧରି ପଡ଼ି ରହିଥିବା ହଜାରହଜାର ମାମଲା ସଂଦର୍ଭରେ ଲେଖା ଯାଇଥିଲା। ଏହି ସ୍ତମ୍ଭର ପାଠକପାଠିକାମାନଙ୍କ ହୁଏତ ସ୍ମରଣରେ ଥିବ ଯେ ଗଲା ୨୬ ତାରିଖରେ 'ଅବିଶ୍ୱାସ ବିଷ' ଶୀର୍ଷକ ସହ ଏଠାରେ ପ୍ରକାଶିତ ସଂପାଦକୀୟରେ ଉଦ୍‌ବେଗ ପ୍ରକାଶ କରାଯାଇଥିଲା ଯେ ସହଜରେ ଭଳି ହୋଇ ଯାଉଥିବା ପରି ବୟସରେ ଉପନୀତ ଅଷ୍ଟମ ଶ୍ରେଣୀର ଛାତ୍ରଛାତ୍ରୀଙ୍କ ସକାଶେ ଏହି ନିର୍ଦ୍ଦିଷ୍ଟ ସଂଦର୍ଭ ସ୍ପୃହଣୀୟ ହୋଇ ନ ଥାଏ, କାରଣ ଆମ ଗଣତନ୍ତ୍ରର ଏକ ବଳିଷ୍ଠ ଓ ଗରିମାପୂର୍ଣ୍ଣ ଅନୁଷ୍ଠାନକୁ ନେଇ ଆଦ୍ୟ କୈଶୋରରେ ବିଭ୍ରାନ୍ତିପୂର୍ଣ୍ଣ ଧାରଣାର ସୃଷ୍ଟି ଅନାବଶ୍ୟକ। କିନ୍ତୁ, ମାନ୍ୟବର ସୁପ୍ରିମ୍ କୋର୍ଟଙ୍କ ଆଦେଶ ଆସିବା ପରେ ଏ ପରିପ୍ରେକ୍ଷୀରେ ଜନମତ ଦ୍ୱିଧା ବିଭାଜିତ ହୋଇଯାଇଛି ଏବଂ ଅଦାଲତଙ୍କ କେତେକ ଇଙ୍ଗିତକୁ ନେଇ କିଛି ପ୍ରଶ୍ନ ମଧ୍ୟ ସୃଷ୍ଟି ହୋଇଛି, ଯାହା ଏକ କ୍ଷୁଦ୍ର ଆଲୋଚନା ସକାଶେ ଅବକାଶ ସୃଷ୍ଟି କରିଥାଏ। ଏହି ରାୟ ପ୍ରଦାନ କାଳରେ ମୁଖ୍ୟ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତ ଅତ୍ୟନ୍ତ କଡ଼ା ଭାଷାରେ ଏନ.ସି.ଇ.ଆର.ଟି.କୁ କରିଥିବା ଭର୍ତ୍ସନାର ମର୍ମାର୍ଥ ହେଉଛି ଏହା ଯେ ଏଭଳି ଉଦ୍ୟମ ପଛରେ ନ୍ୟାୟପାଳିକାକୁ ବଦନାମ କରିବାର ଗଭୀର ଚକ୍ରାନ୍ତ ନିହିତ ଏବଂ ଏଥି ଲାଗି ଦାୟୀ ବ୍ୟକ୍ତିଙ୍କୁ ଠାବ କରି ଦଣ୍ଡିତ କରାଯିବା ସୁନିଶ୍ଚିତ। ତେବେ, ଏହା ପଛରେ ଚକ୍ରାନ୍ତଟିଏ ଅଛି କି? ଯଦି ହଁ, ତେବେ କେଉଁ ଚକ୍ରାନ୍ତ? ଏହାର ଉତ୍ତର ମଧ୍ୟ ଏକ ପ୍ରଶ୍ନ ଯେ ଯଦି ଚକ୍ରାନ୍ତ ନାହିଁ, ତେବେ ଆମ ଦେଶର ସର୍ବ-ଭେଦୀ ଓ ସର୍ବ-ବିଦ୍ୟମାନ ଦୁର୍ନୀତିର ପରିମଣ୍ଡଳରେ କେବଳ ବିଚାର ବିଭାଗକୁ ନିଶାଣ କରି ଅଷ୍ଟମ ଶ୍ରେଣୀର ପାଠ ବହିରେ ଆଲୋଚନା କରାଯାଉଛି କାହିଁକି? ଶୁଦ୍ଧୀକରଣ ଓ ସଂପାଦନାର ବିଭିନ୍ନ ସୁଦକ୍ଷ ସ୍ତର ଦେଇ ପରିଶେଷରେ ପ୍ରକାଶିତ ହେଉଥିବା ଏନ.ସି.ଇ.ଆର.ଟି. ପୁସ୍ତକରେ ଏଭଳି ଅଂଶର ପ୍ରବେଶ କଦାଚିତ ଦୈବାତ୍ ହୋଇ ନ ଥିବ! ସେମାନେ ଆହୁରି କହିଥାଆନ୍ତି ଯେ ପୂର୍ବତନ କେନ୍ଦ୍ର ଆଇନ ମନ୍ତ୍ରୀ କିରଣ ରିଜିଜୁ ବା ପୂର୍ବତନ ଉପରାଷ୍ଟ୍ରପତି ଜଗଦୀଶ ଧନଖଡ଼; ଅନେକ ଥର ପ୍ରକାଶ୍ୟରେ ନ୍ୟାୟପାଳିକାର ଭାବମୂର୍ତ୍ତିକୁ କ୍ଷୁଣ୍ଣ କଲା ଭଳି ମନ୍ତବ୍ୟମାନ ଦେଇ ଆସିଛନ୍ତି। ତେଣୁ ସେମାନେ ପଚାରନ୍ତି ଯେ ନ୍ୟାୟପାଳିକାକୁ ଦୁର୍ବଳ ଓ ବଶମ୍ୱଦ କରିଦେବା ଲାଗି ଏକ ବୃହତ୍ତର ଅଭିସନ୍ଧିର ଅଂଶ ଭାବେ ଏନ.ସି.ଇ.ଆର.ଟି. ବୋର୍ଡ ସରକାରଙ୍କ ହାତବାରିସି ହୋଇଛି କି? ଅବଶ୍ୟ, ଗଭୀର ଅନୁସନ୍ଧାନରୁ ସ୍ପଷ୍ଟ ହୋଇପାରେ ଯେ ଏହା ପଛରେ ସୁପରିକଳ୍ପିତ ଚକ୍ରାନ୍ତ ରହିଛି ନା ଏହା ହେଉଛି କୌଣସି ଅତ୍ୟୁତ୍ସାହୀ ବିଷୟ ବିଶାରଦଙ୍କ ଆଗ୍ରହାତିଶଯ୍ୟର ନମୁନା! ଏକ ପରିସଂଖ୍ୟାନ (ଟାଇମ୍ସ ଅଫ ଇଣ୍ଡିଆ)କୁ ଆଧାର କରି କୁହାଯାଉଛି ଯେ ୨୦୧୬ ମସିହାରୁ ୨୦୨୫ ମସିହା ମଧ୍ୟରେ ନ୍ୟାୟପାଳିକା ବିରୋଧରେ ଅଭିଯୋଗର ସଂଖ୍ୟା ୭୨୯ରୁ ୧୧୦୨କୁ ବୃଦ୍ଧି ପାଇଛି ଏବଂ ଏଭଳି ସ୍ଥିତିରେ ଏ ସଂକ୍ରାନ୍ତ ଆଲୋଚନା ଗଣମାଧ୍ୟମ ଓ ଲୋକକ୍ଷେତ୍ରକୁ ମୁଖର କରୁଛି। ତଥାପି ତ ନ୍ୟାୟପାଳିକା ପ୍ରାୟତଃ ଏଥିରେ ହସ୍ତକ୍ଷେପ କରି ନ ଥାଆନ୍ତି! କାରଣ ପ୍ରଥମତଃ ଏଭଳି ଆଲୋଚନା ହେଉଛି ସାବାଳକ ନାଗରିକମାନଙ୍କ ଅଧିକାର କ୍ଷେତ୍ର। ଦ୍ୱିତୀୟଟି ହେଲା, ସବୁ ସତ୍ତ୍ୱେ ଏ ଯାବତ୍ ଭାରତୀୟ ନାଗରିକଙ୍କ ଦୃଷ୍ଟିରେ ନ୍ୟାୟ ପାଇବାର ଅନ୍ତିମ ପୋତାଶ୍ରୟ ହେଉଛି ଅଦାଲତ। ତେଣୁ ହୃଦ୍‌ବୋଧ କରିହୁଏ ଯେ ସମସ୍ୟାଟି ରହିଛି କୋମଳ ବୟସ୍କମାନଙ୍କୁ ଦୀକ୍ଷିତ କରିବା ଲାଗି ପାଠ୍ୟ ପୁସ୍ତକକୁ ବ୍ୟବହାର କରିବାର ପ୍ରଚ୍ଛନ୍ନ ପ୍ରକରଣରେ! ଏହା ନ୍ୟାୟପାଳିକାଙ୍କୁ କ୍ଷୁବ୍‌ଧ କରିଛି। ଅବଶ୍ୟ, ଇତିମଧ୍ୟରେ ଏନ.ସି.ଇ.ଆର.ଟି. ଏବଂ କେନ୍ଦ୍ର ଶିକ୍ଷା ମନ୍ତ୍ରୀଙ୍କ ପକ୍ଷରୁ ଏ ସଂକ୍ରାନ୍ତରେ କ୍ଷମା ଯାଚନା ଓ ଦୁଃଖ ପ୍ରକାଶ କରାଯାଇ ସାରିଲାଣି। ଏନ.ସି.ଇ.ଆର.ଟି. ପକ୍ଷରୁ ପୁସ୍ତକଗୁଡ଼ିକୁ ସମୂଳ ପ୍ରତ୍ୟାହାର କରି ନିଆଯାଇଛି। କିନ୍ତୁ ଏକ ସନ୍ଦିଗ୍ଧ ଚକ୍ରାନ୍ତର ମୂଳକୁ ଯିବାର ଉଦ୍ୟମରେ ସର୍ବୋଚ୍ଚ ଅଦାଲତଙ୍କ ପକ୍ଷରୁ ପୁସ୍ତକ ପ୍ରସ୍ତୁତି ସହ ସଂଶ୍ଳିଷ୍ଟ ସମସ୍ତ ବ୍ୟକ୍ତି ଓ ପ୍ରକ୍ରିୟା ନେଇ ପୁଙ୍ଖାନୁପୁଙ୍ଖ ବିବରଣୀ ମଗାଯାଇଛି। ଜଷ୍ଟିସ ସୂର୍ଯ୍ୟକାନ୍ତଙ୍କ ଚରମ ବାଣୀ କହିଥାଏ ଯେ 'ହେଡ୍‌ସ ମଷ୍ଟ ରୋଲ୍' ବା 'ନିଶ୍ଚୟ ମୁଣ୍ଡ ଗଡ଼ିବ।' ଏଭଳି ଏକ ପରିବେଶରେ କିନ୍ତୁ ଆଉ ଗୋଟିଏ ବର୍ଗ ଭିନ୍ନ ମତ ପୋଷଣ କରି କହିଥାଆନ୍ତି ଯେ ଅଷ୍ଟମ ଶ୍ରେଣୀର ହୋଇଥିଲେ ହେଁ ପାଠ୍ୟ ପୁସ୍ତକରେ ଏଭଳି ବିଷୟ ସ୍ଥାନ ପାଇବାରେ କ୍ଷତି ନ ଥାଏ, କାରଣ ତାହା ଭବିଷ୍ୟତର ନାଗରିକମାନଙ୍କୁ ଦୁର୍ନୀତିର କଟୁ ବାସ୍ତବତା ନେଇ ସଚେତନ କରିବ। ତେବେ, କେବଳ ବିଚାର ବିଭାଗର ଦୁର୍ନୀତି ସମ୍ବନ୍ଧରେ ନ ହୋଇ ତାହା ସାଧାରଣ ଜୀବନର ଦୁର୍ନୀତି ବିଷୟରେ ହେବା ଆବଶ୍ୟକ, କାରଣ ସଂସଦ, ବ୍ୟୁରୋକ୍ରାସି ଠାରୁ ନେଇ ବିଭିନ୍ନ ସ୍ୱାୟତ୍ତ ଓ ସାଂବିଧାନିକ ଅନୁଷ୍ଠାନ ପର୍ଯ୍ୟନ୍ତ ସବୁଠି ଦୁର୍ନୀତି ପରିବ୍ୟାପ୍ତ, ଯାହା ନେଇ ଏକ ଧାରଣା ରହିବା ମଧ୍ୟ ଆବଶ୍ୟକ। ସେମାନଙ୍କ ଆପତ୍ତି ଯେ ଅରାଜକତା ବା ସାଂପ୍ରଦାୟିକ ହିଂସା ଆଦି ସୃଷ୍ଟି କରିବାର କୌଣସି ସମ୍ଭାବନା ରଖୁ ନ ଥିବା ଏକ ପୁସ୍ତକର ସଂପୂର୍ଣ୍ଣ ନିଷେଧାଦେଶ ମଧ୍ୟ ଅଯୌକ୍ତିକ, ଯେତେବେଳେ କି ସାମାଜିକ ଗଣମାଧ୍ୟମର ରାଜୁତିରେ ଏଭଳି ପୁସ୍ତକକୁ ଡିଜିଟାଲ ପ୍ରାଙ୍ଗଣରୁ ଅନ୍ତର୍ହିତ କରିବା ଏକ ଅସମ୍ଭବ ବ୍ୟାପାର। ସେମାନେ କହନ୍ତି ଯେ ସାମାଜିକ ଗଣମାଧ୍ୟମରେ ଘୂରି ବୁଲୁଥିବା ଏହି ବୟସ ବର୍ଗର ଅଧିକାଂଶ ବାଳକବାଳିକା, ସୂଚନା ଓ ତଥ୍ୟର କରକା ମାଡ଼ରେ, ସେମାନଙ୍କ ନିରୀହତା ହରାଇ ସାରିଲେଣି। ପୁଣି, ଆଉ ଏକ କଥା ହେଲା, ଇତିହାସର ପୁନର୍ଲିଖନ, ନୂତନ ଭାବମୂର୍ତ୍ତି ଆରୋପଣ, ନିର୍ଦ୍ଦିଷ୍ଟ ଓ ପକ୍ଷପାତୀ ବ୍ୟାଖ୍ୟାନ ସୃଷ୍ଟି ଭଳି ପ୍ରକରଣରେ 'ଏନ.ସି.ଇ.ଆର.ଟି.'ର ପାଠ୍ୟ ପୁସ୍ତକଗୁଡ଼ିକୁ ମାଧ୍ୟମ ଓ ଅସ୍ତ୍ର ରୂପେ ବ୍ୟବହାର କରାଯାଇଆସୁଛି। ଏଭଳି ସ୍ଥଳେ ଶଂସିତ ସଂଦର୍ଭ ଏହି ବୟସର ବାଳକବାଳିକାମାନଙ୍କୁ ସମୂଳ ପ୍ରଭାବିତ କରି ପାରନ୍ତା ନାହିଁ। ଉଲ୍ଲେଖଯୋଗ୍ୟ ଯେ ସାମାଜିକ ଗଣମାଧ୍ୟମର ଆବିର୍ଭାବ ପୂର୍ବରୁ ମଧ୍ୟ ବାଳକବାଳିକାମାନଙ୍କ ନିରୀହତା ଖୁବ୍ କମ୍ ବୟସରୁ ଅପହୃତ ହୋଇଯାଉଥିଲା, ବାସ୍ତବତା ସହିତ ଆଦର୍ଶର ସଂଘାତ କାରଣରୁ। କଥାଟିକୁ ବୁଝିବାକୁ ହେଲେ ସେହି ହସ କଥାର ଉଦାହରଣ ଦିଆଯାଇପାରେ, ଯହିଁରେ ବାପା ପୁଅକୁ କହନ୍ତି, ଯା କହି ଦେ ଯେ ମୁଁ ଘରେ ନାହିଁ! ପୁଅ ଯାଇ ଆଗନ୍ତୁକଙ୍କୁ ଜଣାଏ, 'ବାପା କହିଲେ ଯେ ସେ ଘରେ ନାହାନ୍ତି।' ହାସ୍ୟ ରୋଳ ସୃଷ୍ଟି ହୁଏ ସତ; କିନ୍ତୁ, ଅଲକ୍ଷ୍ୟରେ ପିଲାଟିର ନିରୀହତାରୁ କାଣିଚାଏ ଅପସରି ଯାଇଥାଏ। କହିବାର ତାତ୍ପର୍ଯ୍ୟ ହେଲା ପାଠ ବହି, ନୀତି ଶିକ୍ଷାର ଅସ୍ତିତ୍ୱ ସତ୍ତ୍ୱେ ପରିମଣ୍ଡଳର ଆବହାଉଆରେ ପିଲାଟି ମନରେ କ'ଣ କରଣୀୟ ବା କ'ଣ କଥନୀୟ ସେ ନେଇ ଦ୍ୱନ୍ଦ୍ୱ ଓ ସଂଶୟ ସୃଷ୍ଟି ହେଉଥାଏ। ଏବେ, ହୁଏତ କୌଣସି କୁତୂହଳୀ ଅଷ୍ଟମ ଶ୍ରେଣୀର ଛାତ୍ର ବା ଛାତ୍ରୀଙ୍କ ମନରେ ସଂଶୟ ସୃଷ୍ଟି ହେଉଥିବ ଯେ ସରକାରଙ୍କ ବିଭାଗ ଓ ଅନୁଷ୍ଠାନ ମଧ୍ୟରେ ପୁଣି ଚକ୍ରାନ୍ତ କାହିଁକି? ଏହା ବୁଝିବାକୁ ପ୍ରଶ୍ନ କରି ସେମାନେ ଉତ୍ତର ମଧ୍ୟ ପାଇ ପାରନ୍ତି। ହୁଏତ, ତା' ପରେ ସେମାନଙ୍କ ଦୃଷ୍ଟିରେ ବହିରେ ପଠିତ ଗଣତନ୍ତ୍ର ଓ ବାସ୍ତବରେ ଅଭିନୀତ ଗଣତନ୍ତ୍ର ମଧ୍ୟରେ ପ୍ରଭେଦ ଦିଶି ଯାଇପାରେ। ଖୁବ୍ କମ୍ ବୟସରେ ବିଶ୍ୱାସ ଭଙ୍ଗ ମଧ୍ୟ ଘଟିପା?ରେ! କହିବା ବାହୁଲ୍ୟ ଯେ କୌଣସି ପାଠ୍ୟ ପୁସ୍ତକର ପ୍ରସ୍ତୁତି ହେଉଛି ଗଭୀର ବିବେଚନାବୋଧର ବିଷୟବସ୍ତୁ। ତେଣୁ, କେବଳ ପ୍ରଶ୍ନାତୀତ ଭାବେ ବିଚାରବନ୍ତ ଓ ପାରଦର୍ଶୀ ବ୍ୟକ୍ତିବିଶେଷଙ୍କ ଦ୍ୱାରା ପାଠ୍ୟ ପୁସ୍ତକମାନ ପ୍ରସ୍ତୁତ ହେବା ଜରୁରି, ଯଦ୍ୱାରା ସେଗୁଡ଼ିକ ବିବାଦମୁକ୍ତ ହୋଇ ରହିବେ।

ବିଚାରର ବ୍ୟବଚ୍ଛେଦ

ରାୟ ପ୍ରକାଶ ପାଇବା ପରେ ଭାବପ୍ରବଣ କେଜ୍ରିୱାଲ କହିପକାନ୍ତି ଯେ ଜେଲରେ ଭୋଗିଥିବା ଯାତନା ଠାରୁ ଅଧିକ ଯନ୍ତ୍ରଣାଦାୟକ ହୋଇଛି ସମ୍ମାନର ଅପହରଣ। କାରଣ ଅପହୃତ ସମ୍ମାନକୁ ଫେରସ୍ତ ପାଇବା ସତରେ ଏକ ଦୁରୂହ ବ୍ୟାପାର! କୋଳାଶ୍ରିତ ଗଣମାଧ୍ୟମର ତୀବ୍ର ଉଚ୍ଚାଟରେ ସୃଷ୍ଟ ବ୍ୟାଖ୍ୟାନ ହେତୁ କୋର୍ଟର ରାୟ ସତ୍ତ୍ୱେ ଜନ ଧାରଣାରେ କେଜ୍ରିୱାଲ ଓ ସିସୋଦିଆ ନିଜକୁ 'ବିଶ୍ୱାସ-ଅବିଶ୍ୱାସ'ର କରୁଣ ସଂଧାରେ ପାଇପାରନ୍ତି। କଂଗ୍ରେସ ପକ୍ଷରୁ କୁହାଗଲାଣି ଯେ ଏହା ହେଉଛି ବିଜେପି ସହିତ ଏକ ଗୋପନ 'ଡିଲ'ର ଫଳ। କଂଗ୍ରେସ ତ ହେଉଛି ଏକ ରାଜନୈତିକ ଦଳ! ପ୍ରକୃତ ବିଡ଼ମ୍ବନାଟି ହେଲା, ଅଗଣିତ ଭାରତୀୟ ମଧ୍ୟ ସେଭଳି ସନ୍ଦେହର ବଶବର୍ତୀ ହେଉଥିବେ। ଯଦି ଜଣେ ପ୍ରକୃତରେ ନିରୀହ; ତେବେ ତା' ସକାଶେ ଏହା ଠାରୁ ଦୁର୍ବିଷହ ନର୍କ ଆଉ କେଉଁଠି ନ ଥାଏ! ଗଲା ଶୁକ୍ରବାର ଦିନ ସି.ବି.ଆଇ.ର ଏକ ସ୍ୱତନ୍ତ୍ର ଟ୍ରାଏଲ୍?କୋର୍ଟ ପକ୍ଷରୁ ଅତ୍ୟନ୍ତ ଚାଂଚଲ୍ୟକର ଓ ସ୍ପର୍ଶକାତର ଦିଲ୍ଲୀ ଲିକର୍ ପଲିସି ସ୍କାମ୍ (ମଦ ନୀତି ଭ୍ରଷ୍ଟାଚାର)କୁ ସଂପୂର୍ଣ୍ଣ ନିରାଧାର ବୋଲି ଦର୍ଶାଇ ତହିଁରେ ଅଭିଯୁକ୍ତ ସମସ୍ତ ୨୩ ଜଣଙ୍କୁ ଅଭିଯୋଗ-ମୁକ୍ତ କରି ଦେଇଛନ୍ତି। ଏହା ସୁବିଦିତ ଯେ ଜାତୀୟ ଓ ଆନ୍ତର୍ଜାତିକ ଗଣମାଧ୍ୟମର ଶିରୋନାମା ଦଖଲ କରିଥିବା ଏହି ଘଟଣାର ଦୁଇ ମୁଖ୍ୟ ଚକ୍ରାନ୍ତକାରୀ ଭାବେ ଦିଲ୍ଲୀର ପୂର୍ବତନ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ ଏବଂ ପୂର୍ବତନ ଶିକ୍ଷା ମନ୍ତ୍ରୀ ମନୀଷ ସିସୋଦିଆ ଯଥାକ୍ରମେ ଛଅ ଓ ସତର ମାସ ଜେଲରେ ବିତାଇଛନ୍ତି। ଏଭଳି ଆରୋପ କାରଣରୁ ସେମାନଙ୍କ ଦଳ ଆମ ଆଦ୍‌ମି ପାର୍ଟି ଦିଲ୍ଲୀ ବିଧାନସଭା ନିର୍ବାଚନରେ ପରାଜିତ ହୋଇ ଶାସନ କ୍ଷମତା ହରାଇଛି। ପ୍ରକାଶ ଥାଉ କି ଏହି ରାୟ ଆସିବାର ମାତ୍ର କିଛି ଘଟାଂ ମଧ୍ୟରେ ସି.ବି.ଆଇ. ପକ୍ଷରୁ ଦିଲ୍ଲୀ ଉଚ୍ଚ ଅଦାଲତରେ ଅପିଲ କରାଯାଇ ସାରିଲାଣି; ସୁତରାଂ, ଏହି ପ୍ରକରଣ ହୁଏତ ଆଗକୁ ଲମ୍ବି ପାରେ। ତା' ସତ୍ତ୍ୱେ ଟ୍ରାଏଲ କୋର୍ଟର ଏହି ରାୟ ଅନେକ ଦୃଷ୍ଟିରୁ ଦୃଷ୍ଟାନ୍ତ ସ୍ଥାପନକାରୀ ହୋଇଥିବାରୁ ଏକ କ୍ଷୁଦ୍ର ଆଲୋଚନା ଲାଗି ଅବକାଶ ସୃଷ୍ଟି କରେ। ଏହା ସୁବିଦିତ ଯେ ଦିଲ୍ଲୀରେ ନୂତନ ମଦ ନୀତି ପ୍ରଣୟନ ପଛରେ ଦୁର୍ନୀତି ଓ ଲାଟଂ (କିକ୍ ବ୍ୟାକ୍)ର ଅଭିଯୋଗକୁ କେନ୍ଦ୍ର କରି ସି.ବି.ଆଇ. ପକ୍ଷରୁ ଉପରୋକ୍ତ ମାମଲା ରୁଜୁ କରାଯାଇଥିଲା। ଏହା ପରେ 'ପ୍ରବର୍ତନ ନିର୍ଦ୍ଦେଶାଳୟ' ବା ଇ.ଡି. ଅନୁସନ୍ଧାନର ଅଂଶ ବିଶେଷ ହୋଇ ଏହି ମାମଲାରେ ବେଆଇନ ଅର୍ଥ ଚାଲାଣ ବା 'ମନି ଲଣ୍ଡରିଂ'ର ସୂତ୍ର ଆବିଷ୍କାର କରିଥିଲେ। ଅଭିଯୋଗକୁ ଅକାଟ୍ୟ କରିବା ଲାଗି ସି.ବି.ଆଇ. ପକ୍ଷରୁ ଦସ୍ତାବେଜର ଏକ ଅତିକାୟ ପାହାଡ଼ଟିଏ ସୃଷ୍ଟି କରାଯାଇଥିଲା, ଯହିଁରେ ଥିଲେ ପ୍ରାୟ ୧୪ ହଜାର ସରିକି 'ଇ-ମେଲ'। ସାକ୍ଷ୍ୟ ପ୍ରମାଣ ସକାଶେ ଦୁଇ ଶହ ଜଣଙ୍କ ତାଲିକା ପ୍ରସ୍ତୁତ ହୋଇଥିଲା। କିନ୍ତୁ, ଏହି ସମସ୍ତ ପ୍ରୟାସକୁ ଟ୍ରାଏଲ କୋର୍ଟଙ୍କ ରାୟ ନିରର୍ଥକ କରି ଦେଇଛି; କାରଣ କୋର୍ଟଙ୍କ ଦ୍ୱାରା ସମସ୍ତଙ୍କୁ ମାମଲାରୁ 'ଡିସଚାର୍ଜଡ' କରି ଦେବାର ଅର୍ଥ ହେଉଛି ଉପସ୍ଥାପିତ ତଥ୍ୟ ଓ ପ୍ରମାଣମାନ ଭିତ୍ତିହୀନ, ଯାହାକୁ ନେଇ ବିଚାର ପ୍ରକ୍ରିୟା ଆରମ୍ଭ କରିବା ମଧ୍ୟ କଷ୍ଟକର। ଏହି ରାୟ ପରିପ୍ରେକ୍ଷୀ?ର ଦିଲ୍ଲୀ ରାଜ୍ୟ ବିଜେପି ପକ୍ଷରୁ କୁହାଯାଇଛି ଯେ 'ଡିସଚାର୍ଜଡ'ର ଅର୍ଥ 'ଆକ୍ୱିଟାଲ୍?' ବା 'ନିର୍ଦୋଷ ପ୍ରମାଣିତ ହେବା' ହୋଇ ନ ଥାଏ; ତେଣୁ ସହସା କୌଣସି ଉପସଂହାରରେ ପହଂଯିବା ଅଯେ?କ୍ତିକ! ସେହି ଦୃଷ୍ଟିରୁ ଦିଲ୍ଲୀ ହାଇକୋର୍ଟରେ ସି.ବି.ଆଇ. ପକ୍ଷରୁ ଆଗତ ଅପିଲର ଉତ୍ତରକୁ ଅପେକ୍ଷା କରାଯିବା ଉଚିତ। କିନ୍ତୁ ଆଇନ ବିଶେଷଜ୍ଞଙ୍କ ମତରେ ଅଭିଯୋଗଗୁଡ଼ିକ ସଂପୂର୍ଣ୍ଣ ନିରାଧାର ବୋଲି ଅଦାଲତଙ୍କ ହୃଦ୍?ବୋଧ ହେଲେ ଯାଇ କେ?ଣସି ମାମଲାକୁ 'ଡିଜଚାର୍ଜଡ୍?' କରି ଦିଆଯାଏ, ଯହିଁରେ ଅଭିଯୁକ୍ତ ନିଜକୁ ନିର୍ଦୋଷ ବୋଲି ପ୍ରମାଣିତ କରିବାର ଦାୟ ନ ଥାଏ। ମାନ୍ୟବର ସୁପ୍ରିମ୍?କୋର୍ଟଙ୍କ ଏକ ରାୟକୁ ଦର୍ଶାଇ ସେମାନେ କହି ଥାଆନ୍ତି ଯେ 'ଡିସଚାର୍ଜଡ' ହୋଇଯାଉଥିବା ମାମଲାଗୁଡ଼ିକ ବିରୋଧରେ ଅପିଲ ପ୍ରାୟତଃ ଖାରଜ ହୋଇଯାଇଥାଏ। ତଥାପି, ଏହାକୁ ଗ୍ରହଣ କରିବା ବା ନ କରିବା ହାଇକୋର୍ଟଙ୍କ ଅଧିକାର କ୍ଷେତ୍ରଭୁକ୍ତ ହୋଇଥିବାରୁ ଅପିଲର ଶୁଣାଣି ନ ହେବା ପର୍ଯ୍ୟନ୍ତ ହୁଏତ ଦୃଶ୍ୟପଟ ଅସ୍ପଷ୍ଟ ରହିପାରେ! କହିବା ଅନାବଶ୍ୟକ ଯେ ଏହି ରାୟ ପ୍ରଦାନ କରି ଅତିରିକ୍ତ ସେସନ୍‌ସ ଜଜ ଜିତେନ୍ଦ୍ର ସିଂହ ବିରଳ ସାହସ, ଉତ୍କୃଷ୍ଟ ବିବେଚନାବୋଧ ଏବଂ ଭାରତୀୟ ନ୍ୟାୟ ବ୍ୟବସ୍ଥାର ମେରୁଦଣ୍ଡର ପ୍ରମାଣ ଦେଇଛନ୍ତି; କାରଣ, ଏହି ମାମଲାରେ ଅତ୍ୟନ୍ତ ପ୍ରଭାବଶାଳୀ ରାଜନୈତିକ ବ୍ୟକ୍ତିବିଶେଷ, ଦୁଇଟି ବଳିଷ୍ଠ ସ୍ୱାୟତ୍ତ ତଦନ୍ତକାରୀ ଅନୁଷ୍ଠାନ ଏବଂ 'ପି.ଏମ.ଏଲ.ଏ.' (ମନି ଲଣ୍ଡରିଂ ଆକ୍ଟ) ଭଳି ଏକ କଠୋର ଆଇନ ସଂଶ୍ଳିଷ୍ଟ ଥିଲା। ଉଲ୍ଲେଖଯୋଗ୍ୟ ଯେ ଛଅ ଶହ ପୃଷ୍ଠା ବିଶିଷ୍ଟ ଏକ ସୁଲିଖିତ ରାୟରେ ବିଚାରପତି ମହୋଦୟ ଦର୍ଶାଇଛନ୍ତି କିଭଳି ଉପସ୍ଥାପିତ ଦସ୍ତାବେଜର ବିପୁଳତା ମଧ୍ୟରୁ ସତ୍ୟାସତ୍ୟର ମଞ୍ଜି ଠାବ କରିବା ଥିଲା ପାଳଗଦା ଭିତରୁ ଛୁଚିଂ ଖୋଜିବା ସହିତ ସମତୁଲ ବ୍ୟାପାର। ତେଣୁ, ଶଂସିତ ମାମଲାରେ ବିଚାର ପ୍ରକ୍ରିୟା ପ୍ରାରମ୍ଭ ହେବା ନେଇ ପରିଦୃଷ୍ଟ ମାତ୍ରାଧିକ ବିଳମ୍ବ ଯେ ଅହେତୁକ ନୁହେଁ, ତାହା ହୃଦ୍‌ବୋଧ କରିହୁଏ। ଏହା ଏକ ସାଧାରଣ ଜ୍ଞାନର କଥା ଯେ, ସମସ୍ତଙ୍କ ଦୃଷ୍ଟି ନିବଦ୍ଧ ଥିବା ଏଭଳି ଏକ ବହୁ ଚର୍ଚ୍ଚିତ ମାମଲାକୁ ଏକ ନିମ୍ନ ଅଦାଲତର ବିଚାରପତି ପୁଙ୍ଖାନୁପୁଙ୍ଖ ଅଧ୍ୟୟନ ଏବଂ ସୂକ୍ଷ୍ମ ତର୍ଜମା ବିନା ଏକାବେଳକେ ଭିତିହୀନ ବୋଲି କହି ଦିଅନ୍ତେ ନାହିଁ। ଏହି ପରିପ୍ରେକ୍ଷୀରେ ଦୁଇଟି ବିଶେଷ ଉଦାହରଣ ଦ୍ରଷ୍ଟବ୍ୟ। ସି.ବି.ଆଇ. ପକ୍ଷର ମୂଳ ଅଭିଯୋଗ ଥିଲା ଯେ ୨୦୨୧ ମସିହା, ମାର୍ଚ୍ଚ ମାସ ୧୫ ଓ ୧୯ ତାରିଖରେ ଅନୁଷ୍ଠିତ ଦୁଇଟି ମନ୍ତ୍ରୀ ସ୍ତରୀୟ ବୈଠକରେ ମଦ ଯୋଗାଣ ଲାଗି କମିସନ ବା ଲାଭକୁ ୫%ରୁ ୧୨%କୁ ବୃଦ୍ଧି କରାଯିବା ପଛରେ ଅଭିସନ୍ଧି ଥିଲା ଯେ ଏହି ବର୍ଦ୍ଧିତ କମିସନର ଲାଭାର୍ଥୀ କଂପାନିଗୁଡ଼ିକ ଠାରୁ ସେମାନଙ୍କ ଲାଭର ୫୦% ଲାଟଂ ଆକାରରେ ଆଦାୟ କରିବା, ଯାହାର ପରିମାଣ ଥିଲା ୧୦୦ କୋଟି ଟଙ୍କା ଓ ତାହା ଦଳୀୟ ପାଣ୍ଠିକୁ ଯାଇଥିଲା। କିନ୍ତୁ, ବିଚାରପତିଙ୍କ ଅନୁଶୀଳନରୁ ଜଣା ପଡ଼ିଥାଏ ଯେ ପ୍ରଥମ ବୈଠକରେ ୫% କମିସନର ସର୍ବ ନିମ୍ନ ସୀମା ରୂପେ ନିର୍ଣ୍ଣିତ ହୋଇଥିବା ବେଳେ ଦ୍ୱିତୀୟ ବୈଠକରେ କମିସନର ସର୍ବୋଚ୍ଚ ସୀମାକୁ ୧୨%ରେ ଧାର୍ଯ୍ୟ କରାଯାଇଥିଲା; ଯାହା ବିଚାରପତିଙ୍କ ଦୃଷ୍ଟିରେ ଭ୍ରଷ୍ଟାଚାର ନୁହେଁ, ବରଂ ସଂସ୍କାରମୂଳକ। କାରଣ ସର୍ବୋଚ୍ଚ ସୀମା ନିର୍ଦ୍ଧାରିତ ନ ହେବା ପର୍ଯ୍ୟନ୍ତ ତାହା ସରକାରଙ୍କ ଇଚ୍ଛା ମୁତାବକ ହୋଇ ଦୁର୍ନୀତି ସୃଷ୍ଟିର କାରଣ ହୁଅନ୍ତା। ସେହିଭଳି ସି.ବି.ଆଇ. ଦ୍ୱାରା ଉପସ୍ଥାପିତ ଦ୍ୱିତୀୟ ଗୁରୁତର ଅଭଯୋଗ ଥିଲା ଏହା ଯେ ମଦ ବ୍ୟବସାୟ ସକାଶେ 'ଏଲ ୧' ଲାଇସେନ୍?ସ ପାଇବା ଲାଗି ଯୋଗ୍ୟତାର ମାପକାଠି ରୂପେ ପୂର୍ବରୁ ସ୍ୱୀକୃତ ବାର୍ଷିକ ୧୦୦ କୋଟି ଟଙ୍କାର ବ୍ୟବସାୟକୁ ଦିଲ୍ଲୀର 'ଆପ୍' ସରକାର ୧୫୦ କୋଟି ଟଙ୍କାକୁ ବୃଦ୍ଧି କରିଥିଲେ, କାରଣ ଅଭିସନ୍ଧି ଥିଲା ମଦ ବ୍ୟବସାୟରୁ କ୍ଷୁଦ୍ର ବ୍ୟବସାୟୀମାନଙ୍କୁ ବହିଷ୍କାର କରି କେତେକ ନିର୍ଦ୍ଦିଷ୍ଟ ବୃହତ୍ ମଦ ବ୍ୟାରୋନଙ୍କୁ ଲାଭାନ୍ୱିତ କରିବା। କିନ୍ତୁ, ରାୟରେ କୁହାଯାଇଛି ଯେ ଏଭଳି ଅହେତୁକ ସରକାରୀ ଅନୁକଂପାର ପ୍ରାର୍ଥୀ ଭାବେ 'ଇଣ୍ଡୋ ସ୍ପିରିଟ୍‌ସ' ନାମକ ଏକ କଂପାନିକୁ ସି.ବି.ଆଇ. ପକ୍ଷରୁ ଏହି ମାମଲାରେ ସଂପୃକ୍ତ ବୋଲି ଦର୍ଶା ଯାଇଥିଲେ ହେଁ ସେହି କଂପାନିର ବାର୍ଷିକ ବ୍ୟବସାୟର ଆକାର ୧୫୦ କୋଟି ଟଙ୍କାରୁ ଊଣା ହୋଇଥାଏ। ସୁତରାଂ, ଏଭଳି ଚକ୍ରାନ୍ତର ଅଭିଯୋଗ ମଧ୍ୟ କାଟ ଖାଇ ଯାଇଥାଏ। ପ୍ରକାଶ ଥାଉ କି ସି.ବି.ଆଇ. ଦ୍ୱାରା ପ୍ରସ୍ତୁତ ଅଭିଯୋଗର ମୁଖ୍ୟ ଅବଲମ୍ବନ ହେଉଛନ୍ତି ରାଜସାକ୍ଷୀରେ ପରିଣତ ହୋଇଥିବା ଏହି ମାମଲାର କତିପୟ ଅଭିଯୁକ୍ତ ଏବଂ ସେମାନଙ୍କ ଦ୍ୱାରା ପ୍ରଦତ୍ତ ସାକ୍ଷ୍ୟ ଓ ପ୍ରମାଣ। କିନ୍ତୁ ଆଇନ ଦୃଷ୍ଟିରେ ରାଜସାକ୍ଷୀ ହେଉଛି ଦୁର୍ବଳତମ ପର୍ଯ୍ୟାୟର; ମାମଲାକୁ ସୁଦୃଢ଼ କରିବା ଲାଗି ଅନ୍ୟାନ୍ୟ ବାହ୍ୟ ସାକ୍ଷ୍ୟ ଓ ପ୍ରମାଣ ଲୋଡ଼ା ପଡ଼ିଥାଏ; ଏହି ମାମଲାରେ ଯାହାର ଘୋର ଅଭାବ। ଏହା ତୃତୀୟ କାରଣ। କେବଳ ସେତିକି ନୁହେଁ, ସି.ବି.ଆଇ.ର ଅଭିଯୋଗକାରୀ ଅଧିକାରୀଙ୍କ ବିରୋଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଲାଗି ମଧ୍ୟ ଅଦାଲତ ଆଦେଶ ଦେଇଛନ୍ତି। ଜଷ୍ଟିସ ସିଂହ ତାଙ୍କ ରାୟର ଅନ୍ତିମ ବାକ୍ୟରେ କହିଥାଆନ୍ତି ଯେ ଏହାକୁ ଚଳାଇ ରଖିବା ହେବ ନ୍ୟାୟ ପ୍ରଦାନ ନାମରେ ଏକ ବିଡ଼ମ୍ବନା। କିନ୍ତୁ, ଅନେକଙ୍କ ମତରେ ଏଭଳି ସ୍ଥିତିରେ ପ୍ରକୃତ ବିଡ଼ମ୍ବନାଟି ଘଟୁଥାଏ ଅଦାଲତ ବାହାରେ, କୋଳାଶ୍ରିତ ଗଣମାଧ୍ୟମର 'ନିଉଜ୍ ରୁମ୍'ରେ, ଯେଉଁଠି ଦୋଷ ନିରୂପିତ ହେବା ପୂର୍ବରୁ ଅଭିଯୁକ୍ତଙ୍କୁ 'ଫାୟାରିଂ ସ୍କ୍ୱାଡ'ର ସମ୍ମୁଖୀନ କରାଇ ଦିଆଯାଏ। ତେଣୁ, ରାୟ ପ୍ରକାଶ ପାଇବା ପରେ ଭାବପ୍ରବଣ କେଜ୍ରିୱାଲ କହିପକାନ୍ତି ଯେ ଜେଲରେ ଭୋଗିଥିବା ଯାତନା ଠାରୁ ଅଧିକ ଯନ୍ତ୍ରଣାଦାୟକ ହୋଇଛି ସମ୍ମାନର ଅପହରଣ। କାରଣ ଅପହୃତ ସମ୍ମାନକୁ ଫେରସ୍ତ ପାଇବା ସତରେ ଏକ ଦୁରୂହ ବ୍ୟାପାର! କୋଳାଶ୍ରିତ ଗଣମାଧ୍ୟମର ତୀବ୍ର ଉଚ୍ଚାଟରେ ସୃଷ୍ଟ ବ୍ୟାଖ୍ୟାନ ହେତୁ କୋର୍ଟର ରାୟ ସତ୍ତ୍ୱେ ଜନ ଧାରଣାରେ କେଜ୍ରିୱାଲ ଓ ସିସୋଦିଆ ନିଜକୁ 'ବିଶ୍ୱାସ-ଅବିଶ୍ୱାସ'ର କରୁଣ ସଂଧାରେ ପାଇପାରନ୍ତି। କଂଗ୍ରେସ ପକ୍ଷରୁ କୁହାଗଲାଣି ଯେ ଏହା ହେଉଛି ବିଜେପି ସହିତ ଏକ ଗୋପନ 'ଡିଲ'ର ଫଳ। କଂଗ୍ରେସ ତ ହେଉଛି ଏକ ରାଜନୈତିକ ଦଳ! ପ୍ରକୃତ ବିଡ଼ମ୍ବନାଟି ହେଲା, ଅଗଣିତ ଭାରତୀୟ ମଧ୍ୟ ସେଭଳି ସନ୍ଦେହର ବଶବର୍ତ୍ତୀ ହେଉଥିବେ। ଯଦି ଜଣେ ପ୍ରକୃତରେ ନିରୀହ; ତେବେ ତା' ସକାଶେ ଏହା ଠାରୁ ଦୁର୍ବିଷହ ନର୍କ ଆଉ କେଉଁଠି ନ ଥାଏ।

ସାଂସ୍କୃତିକ ସ୍ୱୀକୃତି

ଫେବ୍ରୁଆରି ୨୦୨୬ରେ ଇଟାଲୀୟ ହାଇଫେସନ୍ କଂପାନି 'ପ୍ରାଡା' ବ୍ରାଣ୍ଡ ବହନ କରୁଥିବା ୨,୦୦୦ ହଳ କୋହ୍ଲାପୁରୀ ଚପଲ ଉଭୟ ପୃଥିବୀର ବିଭିନ୍ନ ସ୍ଥାନରେ ଥିବା କଂପାନିର ୪୦ଟି ଷ୍ଟୋରରେ ତଥା ଅନଲାଇନ ମାଧ୍ୟମରେ ବିକ୍ରୟ ପାଇଁ ଉପଲବ୍ଧ ହେବାକୁ ଯାଉଛନ୍ତି। 'ପ୍ରାଡା' କଂପାନି ଏଇ ଚପଲର ବିକ୍ରୟ ମୂଲ୍ୟ ହଳପିଛା ୯୩୯ ଡଲାର୍ ଲେଖାଏଁ ରଖିବାକୁ ଯାଉଛି ବୋଲି ରିପୋର୍ଟ ପ୍ରକାଶ ପାଇଛି। ଭାରତର ଦୁଇଟି ସରକାରୀ ସଂସ୍ଥା ସହିତ 'ପ୍ରାଡା' ସ୍ୱାକ୍ଷର କରିଥିବା ଚୁକ୍ତି ଅନୁସାରେ କଂପାନି ଏଇ ଚପଲଗୁଡ଼ିକୁ ଭାରତର ମହାରାଷ୍ଟ୍ର ଓ କର୍ଣ୍ଣାଟକ ରାଜ୍ୟରେ ନିର୍ମାଣ କରିବ। କଂପାନିର ଘୋଷଣା ଅନୁସାରେ ଭାରତୀୟ ନିର୍ମାତାମାନଙ୍କର ପାରମ୍ପରିକ ନିର୍ମାଣ କୌଶଳ ସହିତ 'ପ୍ରାଡା'ର ଅତ୍ୟାଧୁନିକ ଜ୍ଞାନକୌଶଳର ମିଶ୍ରଣରେ ଏହି ଚପଲଗୁଡ଼ିକ ନିର୍ମିତ ହେବ। ଏଠାରେ ମନେ ପକାଇ ଦିଆଯାଇପାରେ ଯେ ଗତ ଜୁନ୍‌ରେ 'ପ୍ରାଡା' କୋହ୍ଲାପୁରୀ ଚପଲର ଭାରତୀୟ ପରିଚୟକୁ ଲୁଚାଇ ତାହାକୁ ନିଜର ଉତ୍ପାଦନ ରୂପେ ପ୍ରଦର୍ଶନ କରି ଏକ ଗୁରୁତର ବିବାଦରେ ଛନ୍ଦି ହୋଇଯାଇଥିଲା। ଭାରତରେ ଏହା ଜଣାଶୁଣା ଯେ ଏଠାରେ ଲୋକପ୍ରିୟ ଦୈ?ନନ୍ଦିନ ବ୍ୟବହୃତ କୋହ୍ଲାପୁରୀ ଚପଲର ଜନ୍ମସ୍ଥଳୀ ହେଉଛି ମହାରାଷ୍ଟ୍ରର କୋହ୍ଲାପୁର ଅଂଚଳ। ପ୍ରାୟ ଏକ ଶତାବ୍ଦୀ ଧରି ସେଠାକାର ପାରମ୍ପରିକ ନିର୍ମାତାମାନେ ଏଇ ସରଳ ସୁନ୍ଦର ହାଲୁକା ଚପଲମାନ ତିଆରି କରି ସାରା ଦେଶକୁ ଯୋଗାଇ ଆସୁଛନ୍ତି। ହଳେ ଜୋତା ତିଆରି କରି ସେଥିରେ ସୂକ୍ଷ୍ମ କାରୁକାର୍ଯ୍ୟ ଖଞ୍ଜିବା ପାଇଁ ସେମାନଙ୍କୁ ସପ୍ତାହ ସପ୍ତାହ ଲାଗି ଯାଇଥାଏ। ପ୍ରତ୍ୟେକ ଚପଲ ହଳ ଏଇ ପାରମ୍ପରିକ ନିର୍ମାତାମାନଙ୍କର କଳାନୈପୁଣ୍ୟର ସ୍ୱାକ୍ଷର ବହନ କରିଥାଏ। ପ୍ରଥମ ଅବସ୍ଥାରେ ଧୋତି କିମ୍ବା ପାଇଜାମା କୁର୍ତା ସହିତ ଏଇ କୋହ୍ଲାପୁରୀ ପାଦୁକା ବେଶ୍ ଖାପ ଖାଇ ଯାଇଥିଲେ ହେଁ, ଭାରତୀୟମାନେ ଯେତେବେଳେ ପାଶ୍ଚାତ୍ୟ ପୋଷାକ ପରିଧାନ କରିବାକୁ ଲାଗିଲେ, ସେତେବେଳେ ଦେଖାଗଲା ଯେ କୋହ୍ଲାପୁରୀ ଚପଲ ଅନାୟାସରେ ଏହି ନୂତନ ପୋଷାକମାନଙ୍କ ସହିତ ବନ୍ଧୁତା ସ୍ଥାପନ କରିବାରେ ସଫଳ ହୋଇଗଲା। ବାସ୍ତବରେ ପାଶ୍ଚାତ୍ୟ ଜିନ୍‌ସ ଓ ଭାରତୀୟ କୁର୍ତ୍ତା ପରିଧାନ କରିଥିବା ବ୍ୟକ୍ତିଙ୍କ ପାଦରେ କୋହ୍ଲାପୁରୀ ଚପଲ ଶୋଭା ପାଇବା ଏକ ବାଧ୍ୟତାମୂଳକ ଫେସନ୍ ନିୟମରେ ପରିଣତ ହୋଇଗଲା। ଜୁନ୍‌ରେ 'ପ୍ରାଡା' ଯେତେବେଳେ ଇଟାଲିର ମିଲାନ୍ ଠାରେ ଅନୁଷ୍ଠିତ ତା'ର ଫେସନ୍ ପ୍ରଦର୍ଶନୀରେ କୋହ୍ଲାପୁରୀ ଚପଲକୁ ପ୍ରଦର୍ଶିତ କଲା, ତାହା ଏକ ହାଇଫେସନ୍ ପରିଧାନ ରୂପେ କୋହ୍ଲାପୁରୀ ଚପଲର ଖ୍ୟାତିକୁ ସୁଦୃଢ଼ କରି ତା' ପାଇଁ ଆନ୍ତର୍ଜାତିକ ଖ୍ୟାତି ନିଶ୍ଚିତ କଲା। 'ପ୍ରାଡା' କିନ୍ତୁ ସେତେବେଳେ ଏକ ଭୁଲ୍ କରି ବସିଥିଲା- ସେ ସେଇ ଚପଲର କୋହ୍ଲାପୁର ଉତ୍ପତ୍ତି ସମ୍ବନ୍ଧରେ ସଂପୂର୍ଣ୍ଣ ନିରବ ରହିଥିଲା। ଏହା ସେତେବେଳେ ତୀବ୍ର ସମାଲୋଚନାର ସମ୍ମୁଖୀନ ହୋଇଥିଲା, ଯାହାକୁ ବୌଦ୍ଧିକ ଅଧିକାର ହରଣ ଓ ଏକ ନୂତନ ଧରଣର ଉପନିବେଶବାଦ ରୂପେ ସମାଲୋଚନା କରାଯାଇଥିଲା। ଅତୀତର ଉପନିବେଶବାଦ ରାଜୁତି କରୁଥିବା ବେଳେ ଔପନିବେଶିକ ଶାସକମାନେ ସେମାନଙ୍କ ଉପନିବେଶରୁ ପାର୍ଥିବ ସମ୍ବଳମାନ ହରଣ କରିବାରେ ପ୍ରବୃତ୍ତ ଥିବାବେଳେ, ଆଜିର ଉପନିବେଶବାଦୀ କଂପାନିମାନେ ପୂର୍ବତନ ଉପନିବେଶମାନଙ୍କର ବୌଦ୍ଧିକ ସମ୍ବଳ ହରଣ କରିବାରେ ବ୍ୟାପୃତ ଅଛନ୍ତି ବୋଲି ଅଭିଯୋଗ ହୋଇଥିଲା। ବର୍ତମାନ 'ପ୍ରାଡା' ତା'ର ସେଇ ଭୁଲ୍‌ରେ ସଂଶୋଧନ ଘଟାଇ ଏଇ ସହଯୋଗମୂଳକ ପଦକ୍ଷେପ ଗ୍ରହଣ କରିଛି। କିନ୍ତୁ ଏପରି ସହଯୋଗ ଅର୍ଥପୂର୍ଣ୍ଣ ହେବାକୁ ହେଲେ ତାହା କେବଳ ମାତ୍ର ୨,୦୦୦ ହଳ ଚପଲ ନିର୍ମାଣ କିମ୍ବା ଏକ ଫଟୋ ଉତୋଳନ ସୁଯୋଗ ମଧ୍ୟରେ ସୀମିତ ରହିବା ଗ୍ରହଣୀୟ ନୁହେଁ। ଭାରତୀୟ ଚପଲ ନିର୍ମାତାମାନଙ୍କ ସହିତ ଯଦି 'ପ୍ରାଡା'ର ସଂପର୍କ ଦୀର୍ଘସ୍ଥାୟୀ ନ ହୁଏ, ସେମାନଙ୍କୁ 'ପ୍ରାଡା' ଯଦି ଆନ୍ତର୍ଜାତିକ ମାନଦଣ୍ଡ ଅନୁସାରେ ପାରିଶ୍ରମିକ ପ୍ରଦାନ ନ କରେ କିମ୍ବା ଲାଭରେ ଅଂଶୀଦାର ନ କରେ ଏବଂ ସେମାନଙ୍କୁ ଏହି ସହଯୋଗର କେନ୍ଦ୍ର ସ୍ଥଳରେ ସ୍ଥାପନ ନ କରେ, ତେବେ ବର୍ତ୍ତମାନର ଏହି ସହଯୋଗ କେବଳ ଏକ ସାମୟିକ କ୍ଷତି ଭରଣାକାରୀ କେ?ଶଳ ରୂପେ ବିବେଚିତ ହେବ।

Printed, Published,Edited and Ownedby Prakash Kumar Dhal,Printed at Das Offset Printers,Uditnagar,Main Road,Rourkela, Dist. Sundargarh, orissa -769012 & Published at QR.No. ECR-73,Chhend Colony,Rourkela -15, Dist. Sundergarh, Orissa. ସଂପାଦକ: ପ୍ରକାଶ କୁମାର ଧଳ
Mobile : 9439951525,Email: utkalsamachar@gmail.com / utkalsamachar@rediffmail.com (ଏହି ଅଙ୍କରେ ପ୍ରକାଶିତ ସମସ୍ତ ଖବରର ଚୟନ ଏବଂ ସଂପାଦନା ପାଇଁ ପି.ଆର.ବି. ଆକ୍ଟ ଅନ୍ତର୍ଗତ ଉତରଦାୟୀ ସମସ୍ତ ବିବାଦ ରାଉରକେଲା ନ୍ୟାୟପାଳିକାର ଅଧୀନରେ ହିଁ ହେବ।) Phone: 0661-2646999 Editor : Prakash Kumar Dhal
CITY OFFICE: B/204, SECTOR-16, ROURKELA , Pin :769003

ଚୋରା ମଦ ଦୋକାନ ଭାଙ୍ଗିଲେ ମହିଳା

ଦଶରଥପୁର,୫/୩(ନି/ପ୍ର):ତାତିଲେ ମହିଳା, ଭାଙ୍ଗି ଦେଲେ ଚୋରା ମଦ ଦୋକାନ। ବାରମ୍ବାର ଯାଜପୁର ଟାଉନ ପୁଲିସ ଏବଂ ଅବକାରୀ ବିଭାଗଙ୍କୁ ଅଭିଯୋଗ କରାଯାଇଥିଲେ ମଧ୍ୟ ଶୁଣିନଥିବାରୁ ଏପରି କରାଯାଇଥିବା କୁହାଯାଉଛି। ଯାଜପୁର ଟାଉନ ଥାନା ଚିତାଳୋ କଲେଜ ରାସ୍ତା ପାର୍ଶ୍ୱ ବାଲିପଦା ଛକରେ ଦୀର୍ଘ ବର୍ଷ ହେବ ଚୋରା ମଦ ବ୍ୟବସାୟ କରୁଥିବା ସ୍ଥାନୀୟ ଅଂଚଳର ଅଜୁ ପାଗଳଙ୍କ ବେଆଇନ ମଦ ଦୋକାନ ଉପରେ ଆଜି ଅପରାହ୍ନ ପ୍ରାୟ ୪ଟା ସମୟରେ ବାଲିପଦା ଗାଁର ଶତାଧିକ ମହିଳା ଏକତ୍ରିତ ହୋଇ ଉକ୍ତ ମଦ ଦୋକାନ ଉପରେ ଚଢ଼ାଉ କରିଥିଲେ। ଟାଉନ ଥାନା ପୁଲିସ ଏବଂ ଅବକାରୀ ବିଭାଗ କର୍ମଚାରୀ ଉକ୍ତ ମଦ ଦୋକାନରୁ ମାସିକିଆ ଚାନ୍ଦା ନେଇ ମଦ ଦୋକାନୀକୁ ଅବାଧରେ ଚୋରା ମଦ କାରବାର ପାଇଁ ପ୍ରୋତ୍ସାହନ ଦେଉଥିବା ଅଭିଯୋଗ କରି ମଦ ଦୋକାନରେ ଭଙ୍ଗାରୁଜା କରିଥିଲେ। ଚୋରା ବ୍ୟବସାୟୀ ଜଣଙ୍କ ଭଙ୍ଗାରୁଜା କରାଯିବାରୁ ଫେରାର ହୋଇଯାଇଛନ୍ତି। ଖବର ପାଇ ପୁଲିସ ପହଂଚି ତଦନ୍ତ କରିଥିବା ଜଣାପଡିଛି।

ଓଡ଼ିଶାକୁ ମିଳିଲା ଟେକ୍ନୋଲୋଜି ସଭା ଉତ୍କର୍ଷ ପୁରସ୍କାର

ଭୁବନେଶ୍ୱର, ୫/୩: ଓଡ଼ିଶା ସରକାର ଏହାର ପ୍ରମୁଖ ଡିଜିଟାଲ ପରିଚାଳନା ବ୍ୟବସ୍ଥା“ଆମ ସାଥୀ ୟୁନିଫାଏଡ୍ ହ୍ୱାଟ୍ସ ଆପ୍ ବଟ୍” ପାଇଁ ଇଣ୍ଡିଆନ୍ ଏକ୍ସପ୍ରେସ୍ ଗ୍ରୁପ୍ ର ଅଗ୍ରଣୀ ପ୍ରକାଶନ, “ଏକ୍ସପ୍ରେସ୍ କମ୍ପ୍ୟୁଟର” ଦ୍ୱାରା ‘ଟେକ୍ନୋଲୋଜି ସଭା ଉତ୍କର୍ଷପୁରସ୍କାର’ ପ୍ରାପ୍ତ ହୋଇ ସମ୍ମାନିତ ହୋଇଛନ୍ତି । ଜନସେବା ପ୍ରଦାନ ପାଇଁ ଟେକ୍ନୋଲୋଜିରେ ଶ୍ରେଷ୍ଠତା ପ୍ରତିପାଦନ ଏବଂ ଅଭିନବତ୍ୱକୁ ସ୍ୱୀକୃତି ଦେଇ ୨୭ ଫେବୃଆରୀ ରେ ହାଇଦ୍ରାବାଦ ଠାରେ ଅନୁଷ୍ଠିତ ଟେକ୍ନୋଲୋଜି ସଭାରେ ଏହି ପୁରସ୍କାର ପ୍ରଦାନ କରାଯାଇଛି । ଓଡ଼ିଶା ସରକାରଙ୍କ ପକ୍ଷରୁ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ଅଧୀନସ୍ଥ ସେଂଟର ଫର ମଡର୍ଣ୍ଣାଇଜିଂ ଗଭର୍ଣ୍ଣମେଂଟ ଇନିସିଏଟିଭ(ସିଏମଜିଆଇ)ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ସୁରେନ୍ଦ୍ର କୁମାର ମୀନା ଏହି ପୁରସ୍କାର ଗ୍ରହଣ କରିଥିଲେ ।ଏକ୍ସପ୍ରେସ କମ୍ପ୍ୟୁଟର ଦ୍ୱାରା ପ୍ରତିଷ୍ଠିତ ‘ଟେକ୍ନୋଲୋଜି ସଭା ଉତ୍କର୍ଷ ପୁରସ୍କାର’ ଭାରତର ପ୍ରଯୁକ୍ତି ଏବଂ ଶାସନ ପରିଚାଳନା କ୍ଷେତ୍ରରେ ଦେଶର ସର୍ବାଧିକ ସ୍ୱୀକୃତିମାନଙ୍କ ମଧ୍ୟରେ ଅନ୍ୟତମ ସମ୍ମାନଜନକ ସ୍ୱୀକୃତି । ବରିଷ୍ଠ ସରକାରୀ ନେତୃବୃନ୍ଦ, ଶିଳ୍ପ ବିଶେଷଜ୍ଞ ଏବଂ ପ୍ରଯୁକ୍ତିବିଦ୍ୟା ବିଶେଷଜ୍ଞଙ୍କୁ ନେଇ ଗଠିତ ଏକ ପ୍ରତିଷ୍ଠିତ ବିଚାରକ ମଣ୍ଡଳୀଙ୍କ ଦ୍ୱାରା ସଠିକ୍ ମୂଲ୍ୟାଙ୍କନ ପ୍ରକ୍ରିୟା ପରେ ଏହି ପୁରସ୍କାର ପ୍ରଦାନ କରାଯାଇଥାଏ ।ଆମା ସାଥି ଏକୀକୃତ ହ୍ୱାଟ୍ସଆପ୍ ବଟ୍ ଏକ ପରିବର୍ତ୍ତନଶୀଳ ଡିଜିଟାଲ୍ ପ୍ଲାଟଫର୍ମ ଭାବେ ଉଭବ ହୋଇଛି ଯାହାକି ନାଗରିକମାନଙ୍କୁ ଏକକ ବ୍ୟବସ୍ଥାରେ, ସହଜରେ ଏବଂ ପରିଚିତ ଇଂଟରଫେସ୍ ମାଧ୍ୟମରେ ହ୍ୱାଟ୍ସ ଆପ୍ ଜରିଆରେ ବହୁ ପ୍ରକାର ସରକାରୀ ସେବା ଏବଂ ସୂଚନା ପାଇବାକୁ ସକ୍ଷମ କରୁଛି । ଏହା ଫଳରେ ସେବା ପାଇବାକୁ ଥିବା ବ୍ୟକ୍ତି ବା ହିତାଧିକାରୀଙ୍କୁ ସରକାରୀ କାର୍ଯ୍ୟାଳୟକୁ ବାରଂବାର ଆସିବାକୁ ପଡୁନାହିଁ ଏବଂ ବିଭିନ୍ନ ପ୍ରକାର ଦରଖାସ୍ତ ବା ଆବେଦନ କରିବାର ଆବଶ୍ୟକତାକୁ ବହୁମାତ୍ରାରେ ଦୂର କରାଯାଇପାରିବ।

ବଡରମା ରେଞ୍ଜ୍‌ରେ ବନାଗ୍ନୀ ସଚେତନତା ରଥ ଶୁଭାରମ୍ଭ

ସମ୍ବଲପୁର, ୫/୩(ନି/ପ୍ର): ସମ୍ବଲପୁର ଜିଲ୍ଲା ବାମରା ବନଖଣ୍ଡ ବଡରମା ରେଞ୍ଜର ଗିରିଧାରୀ ପଧାନଙ୍କ ତତ୍ତ୍ୱାବଧାନରେ ବଡରମା ରେଞ୍ଜ୍ କାର୍ଯ୍ୟାଳୟ ପରିସରରୁ ଏକ ବନାଗ୍ନୀ ସଚେତନତା ରଥର ଶୁଭାରମ୍ଭ ହୋଇଯାଇଛି । ପଂଚାୟତର ସରପଂଚ ବିଜୟ କୁମାର ନାଏକ ଫିତା କାଟି ପତାକା ଦେଖାଇ ଏହି ରଥର ଶୁଭାରମ୍ଭ କରିଥିଲେ। ଅନୁଷ୍ଠିତ କାର୍ଯ୍ୟକ୍ରମରେ ବାମରା ବନଖଣ୍ଡ ଡ଼ିଏଫଓ ବିକ୍ରମଦେବ ପଟ୍ଟନାୟକ, ଏସିଏଫ ଆଲୋକ କୁମାର ଷଡ଼ଙ୍ଗୀ ଏବଂ ରେଶମା ଲାକ୍ରାଙ୍କ ସହିତ ବଡରମା କଂଟ୍ରୋଲରୁମ ଦାୟିତ୍ୱରେ ଥିବା ଫରେଷ୍ଟର ଅଜମେର ଜୟପୁରିଆ, ଅଫିସ ଦାୟିତ୍ୱରେ ଥିବା ଫରେଷ୍ଟର ଚୂଡ଼ାମଣି ନାଏକ, କୁତବ ଫରେଷ୍ଟର ଆନନ୍ଦ ପରିଡା, ଫରେଷ୍ଟ ଗାର୍ଡ ସୁଦୀପ୍ତା ନାୟକ, ଦେବର୍ଚ୍ଚନା ସୁତାରଙ୍କ ସମେତ ବଡରମା ଗ୍ରାମବାସୀ ପ୍ରମୁଖ ଉପସ୍ଥିତ ଥିଲେ। ବର୍ତ୍ତମାନ ମହୁଲ ତୋଳା ଆରମ୍ଭ ହେଉଥବା ଯୋଗୁଁ ଜଙ୍ଗଲରେ ନିଆଁ ଲାଗିଥାଏ। ଏଣୁ ଏହି ସଚେତନତା ରଥ ମାଧ୍ୟମରେ ବଡରମା ରେଞ୍ଜ ଅଧୀନରେ ଥିବା ଗ୍ରାମକୁ ଯାଇ ଜନସାଧାରଣଙ୍କୁ ସଚେତନ କରାଇବା ଏହି ରଥର ମୁଖ୍ୟ ଉଦ୍ଦେଶ୍ୟ। ଓଡିଶା ସରକାରଙ୍କ ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗର ଆଦେଶ ଅନୁଯାଇ ବାମରା ଡ଼ିଏଫଓ ବିକ୍ରମଦେବ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ବଡରମା ରେଞ୍ଜରେ ଏହି କାର୍ଯ୍ୟକ୍ରମକୁ ଜନସାଧାରଣଙ୍କ ସଚେତନତା ଉଦ୍ଦେ୍ୟଶରେ ଆୟୋଜନ କରାଯାଇଥିଲା। ଜଙ୍ଗଲ ବଂଚିଲେ ଆମେ ବଂଚିବା, ଜଙ୍ଗଲରେ ନିଆଁ ଲାଗିଲେ ପରିବେଶକୁ ପ୍ରଭାବିତ କରିବା ସହିତ ବନ୍ୟ ପ୍ରାଣୀଙ୍କୁ ମଧ୍ୟ ପ୍ରଭାବିତ କରିଥାଏ ଯାହା ଫଳରେ ବନ୍ୟ ଯନ୍ତୁ ଗାଁ ମୁହାଁ ହୋଇଥାନ୍ତି ଏବଂ ଜନ ସାଧାରଣଙ୍କ ଧନ ଜୀବନ ନଷ୍ଟ ହୋଇଥାଏ ଏଣୁ କରି ଜଙ୍ଗଲ ସୁରକ୍ଷିତ ରହିଲେ ମନୁଷ୍ୟ ଜୀବନ ସୁରକ୍ଷିତ ରହିବ ବୋଲି ରେଞ୍ଜର ଗିରିଧାରୀ ପଧାନ କହିଥିଲେ। ବିଭାଗ ପକ୍ଷରୁ ଏହା ଏକ ସ୍ୱାଗତ ଯୋଗ୍ୟ ପଦକ୍ଷେପ ଆଜିର ଏହି କାର୍ଯ୍ୟକ୍ରମରେ ବନବିଭାଗୀୟ କର୍ମଚାରୀଙ୍କ ସହିତ ପଂଚାୟତବାସୀ ଉପସ୍ଥିତ ରହି ରଥର ଶୁଭାରମ୍ଭ ହୋଇଛି ଏବଂ ଆଗାମୀ ମେ ମାସ ପର୍ଯ୍ୟନ୍ତ ଏହି ରଥ ବଡରମା ପଂଚାୟତର ସମସ୍ତ ଗ୍ରାମକୁ ପରିକ୍ରମା କରିବ ଯାହା ଫଳରେ ଲୋକେ ସଚେତନ ହେବେ ଏବଂ ଜଙ୍ଗଲ ବଂଚିଲେ ଆମେ ଏକ ସୁସ୍ଥ ବାତାବରଣ ପାଇ ପାରିବା। ନିଶ୍ଚିତ ଲୋକଙ୍କୁ ଜଣାଇବା କଥା ଜଙ୍ଗଲ ରହିଲେ ଆମେ ବଂଚିବା ଏବଂ ଆଗାମୀ ସମୟରେ ବିଭିନ୍ନ ସଭା ସମିତି ମାଧ୍ୟମରେ ମଧ୍ୟ ଜନସାଧାରଣଙ୍କୁ ଜଙ୍ଗଲରେ ନିଆଁ ନଲଗାବାକୁ ବିଭାଗ ପକ୍ଷରୁ କାର୍ଯ୍ୟକ୍ରମ ରହିଛି ଏବଂ ଲୋକଙ୍କୁ ସଚେତନ ମଧ୍ୟ କରିବା ଜରୁରୀ ଏଭଳି କାର୍ଯ୍ୟକ୍ରମ କଲେ ଲୋକେ ସଚେତନ ମଧ୍ୟ ହେବେ ଏବଂ ଆମେ ଏକ ସୁସ୍ଥ ପରିବେଶ ସହିତ ସୁସ୍ଥ ଜୀବନ ମଧ୍ୟ ପାଇବା ବୋଲି ବଡରମା ପଂଚାୟତର ସରପଂଚ ବିଜୟ ନାଏକ ମତପ୍ରକାଶ କରିଛନ୍ତି।

ସ୍ୱାମୀ ଓ ସ୍ତ୍ରୀଙ୍କ ହାତଗୋଡ଼ ବାନ୍ଧି ଦୁର୍ବୃତ୍ତ ଲୁଟିନେଲେ ୧୫ ଭରି ସୁନା ଅଳଙ୍କାର ଓ ୭ ଲକ୍ଷ ଟଙ୍କା

ଝାରସୁଗୁଡ଼ା,୫/୩(ନି/ପ୍ର): ଝାରସୁଗୁଡ଼ା ଜିଲ୍ଲା ଲଇକେରା ଥାନା ତାଲମୁଣ୍ଡାରେ ସଶସ୍ତ୍ର ଡକାୟତି। ସ୍ୱାମୀ ଓ ସ୍ତ୍ରୀଙ୍କ ହାତଗୋଡ଼ ବାନ୍ଧି ମାଡମାରି ଦୁର୍ବୃତ୍ତ ଲୁଟିନେଲେ ୧୫ ଭରି ସୁନା ଅଳଙ୍କାର ଓ ପ୍ରାୟ ୭ ଲକ୍ଷ ଟଙ୍କା। ସ୍ୱାମୀ ଓ ସ୍ତ୍ରୀ ଆହତ ।ପୁଲିସର ତଦନ୍ତ ଆରମ୍ଭ। ସୂଚନା ଅନୁସାରେ, ଗତକାଲି ସୋମବାର ତାଲମୁଣ୍ଡା ଗ୍ରାମର ପ୍ରକାଶ ନାଏକ ଓ ତାଙ୍କ ପତ୍ନୀ ଝିଲି ନାଏକ ଘରେ ଶୋଇଥିବା ବେଳେ ରାତ୍ରି ପ୍ରାୟ ୧ଟା ବେଳେ ୫ ଜଣ ମୁଖା ପିନ୍ଧା ଯୁବକ ଘରର କବାଟ ଭାଙ୍ଗି ଭିତରକୁ ପଶିଥିଲେ। ସେମାନେ ଦୁଇ ଜଣଙ୍କ ହାତ ଗୋଡ଼ ବାନ୍ଧି ଦେଇ ଖଣ୍ଡା , ବନ୍ଧୁକର ଭୟ ଦେଖାଇ ଘରେ ରଖିଥିବା ୭ ଲକ୍ଷ ଟଙ୍କା ସହିତ ପିନ୍ଧିଥିବା ସୁନା ଗହଣା ଓ ଗଡରେଜ୍ ଭିତରେ ଥିବା ସୁନାଗହଣା ନେଇ ପଳେଇ ଯାଇଥିଲେ । ଡକାୟତଙ୍କ ଖଣ୍ଡାର ଆକ୍ରମଣରେ ପ୍ରକାଶ ନାଏକଙ୍କ ଦୁଇ କାନ୍ଧରେ କ୍ଷତ ହୋଇଥିବା ବେଳେ ଦୁଇ ଜଣଙ୍କର ମୋବାଇଲକୁ କଚାଡ଼ି ଭାଙ୍ଗି ଦେଇଥିଲେ। ୨୦ ମିନିଟ ଭିତରେ ଘରେ କଳା କନା ବୁଲାଇ ଦୁର୍ବୃତ୍ତ ଫେରାର ହୋଇଯାଇଥିଲେ । ଘଟଣା ସ୍ଥଳରେ ଝାରସୁଗୁଡା ଏସପି, ଏସଡିପିଓ, ଲଇକେରା ଥାନା ଅଧିକାରୀଙ୍କ ସମେତ ସାଇଟିଂଫିକ୍ ଟିମ୍ ପହଟିଂ ତଦନ୍ତ ଚଳାଇଛନ୍ତି।

ବରଗଡ଼ ସହରର ୱାର୍ଡ଼ ନଂ-୨ ସ୍ଥିତ ସମଲେଶ୍ୱରୀ ସରକାରୀ ଉପ୍ରା ବିଦ୍ୟାଳୟରେ ପ୍ରମୋଦ ମହାପାତ୍ରଙ୍କ ଅବସରକାଳୀ ବିଦାୟ ସମ୍ବର୍ଦ୍ଧନା ସଭା

ଗର୍ଭବତୀ ମହିଳାଙ୍କୁ ଭାରରେ ବୋହି ମେଡିକାଲ ନେଲେ ଯବାନ

ମାଲକାନଗିରି,୫/୩(ନି/ପ୍ର): ମାଲକାନଗିରି ସମେତ ଛତିଶଗଡ, ଆନ୍ଧ୍ରପ୍ରଦେଶ, ତେଲେଙ୍ଗାନାରେ କେବଳ ଯବାନ ନକ୍ସଲ ବିରୋଧରେ ଲଢେଇ ଜାରି ରଖିନାହାନ୍ତି, ବରଂ ଲୋକଙ୍କ ସହ ସୁସଂପର୍କ ସ୍ଥାପନ କରିବା ଏବଂ ସେମାନଙ୍କୁ ସମସ୍ତ ପ୍ରକାର ସହଯୋଗ ପ୍ରଦାନ କରିଆସୁଛନ୍ତି। ଜଂଗଲରେ କୁମ୍ବିଂ ସମୟରେ ଲୋକଙ୍କୁ ଯେତେବେଳେ ବି ସମସ୍ୟା ପଡିଲା ଯବାନ ଆଗକୁ ଆସି ସହଯୋଗର ହାତ ବଢାଇଛନ୍ତି। ଏଭଳି ଏକ ସଦ୍ୟତମ ଘଟଣା କ୍ରମରେ ଛତିଶଗଡର ଦନ୍ତେୱାଡା ଜିଲ୍ଲାର ବୈଲାଡିଲା ନକ୍ସଲ ପ୍ରବଣ ଅଂଚଳରେ ଯବାନଙ୍କ ମାନବିକତା ଦେଖିବାକୁ ମିଳିଛି। ଦନ୍ତେୱାଡାର ୧୬୫ ସିଆରପିଏଫ ବାଟାଲିୟନର ଯବାନ ବୈଲାଡିଲା ଜଂଗଲରେ କୁମ୍ବିଂ କରୁଥିଲେ। ତେବେ ଜଂଗଲରେ ରହିଥିବା ଗୋଟିଏ ଗାଁରେ ଆଦିବାସୀ ମହିଳା ଗର୍ଭ ଯନ୍ତ୍ରଣାରେ ଛଟପଟ ହେଉଥିଲେ। ଯବାନ ଏହା ଦେଖିବା ପରେ ତୁରନ୍ତ ତାଂକୁ ସହଯୋଗ କରିବା ପାଇଁ ଆଗେଇ ଆସିଥିଲେ। ଏହି ଅଂଚଳର ସଂପୂର୍ଣ୍ଣ ନକ୍ସଲ ପ୍ରବଣ ହୋଇଥିବା ବେଳେ କୌଣସି ମୁହର୍ତରେ କିଛି ବି ଘଟବାର ସମ୍ଭାବନାକୁ ଏଡାଇ ଦିଆଯାଇନପାରେ। ସିଆରପିଏଫ ଅଧିକାରୀ ରାଜେଶ ଗୁର୍ଜରଙ୍କ ନେତୃତ୍ୱରେ କିଛି ଯବାନ ତୁରନ୍ତ ଏକ ଖଟିଆକୁ ଷ୍ଟ୍ରେଚର କରି ମହିଳାଙ୍କୁ ସେଠିରେ ଲଦି କାନ୍ଧରେ ଖଟିଆକୁ ବୋହି ମାଇଲ ମାଇଲ ବାଟ ଚାଲି ସ୍ଥାନୀୟ ମେଡିକାଲରେ ପହଚାଂଇଥିଲେ। ଯବାନଙ୍କର ଏହି ସହଯୋଗ ଯୋଗୁଁ ମହିଳାଙ୍କ ଜୀବନ ବଚିଂଯାଇଥିବା କୁହାଯାଇଛି। ଯବାନ କେବଳ ଲୋକଙ୍କୁ ନକ୍ସଲ ଦାଉରୁ ରକ୍ଷା କରୁନାହାନ୍ତି। ବରଂ ଦରକାର ପଡିଲେ ସେମାନଙ୍କୁ ପ୍ରତି ମୁହର୍ନ୍ତରେ ସହଯୋଗ କରିଆସୁଛନ୍ତି। ମାଗଣାରେ ସ୍ୱାସ୍ଥ୍ୟ ଶିବିର କରି ଔଷଧ ପ୍ରଦାନ କରିବା ହେଉ ବା ଜନ ସଂପର୍କ ଶିବିର କରି ଲୋକଙ୍କୁ ସମସ୍ତ ସୁବିଧା ଯୋଗାଇ ଦେବା ହେଉ ସବୁଥିରେ ଯବାନ ଆଗରେ ରହିଛନ୍ତି। ତେବେ ସିଆରପିଏଫ ଯବାନଙ୍କର ଏହି ମହାନତା ଏବେ ରାଜ୍ୟରେ ବେଶ ଚର୍ଚ୍ଚା ସାଉଁଟୁଛି। ଯବାନଙ୍କୁ ସଲାମ ବୋଲି ଲୋକେ କହୁଛନ୍ତି।

ପେଣ୍ଠିଆ ଏବଂ ହାଲବା ସମାଜ ବିକାଶ ପରିଷଦର ଭାରତଯୋଡ କାର୍ଯ୍ୟକ୍ରମ

ଜୟପୁର,୫/୩(ନି/ପ୍ର): କୋରାପୁଟ ଜିଲ୍ଲା ଜୟପୁର ବ୍ଲକ ଠାରେ ପେଣ୍ଠିଆ ଏବଂ ହାଲବା ସମାଜ ବିକାଶ ପରିଷଦର ଭାରତଯୋଡ କାର୍ଯ୍ୟକ୍ରମକୁ ନେଇ ଏକ ବୈଠକ ଆଜି ଅନୁଷ୍ଠିତ ହୋଇଥିଲା । ଏଥିରେ ମୁଖ୍ୟ ଅତିଥି ଭାବେ ଅଖିଳ ଭାରତୀୟ ଆଦିବାସୀ ହଲବି (ହାଲବା)ସମାଡର ଛତିଶଗଡର ବାସିନ୍ଦା ତଥା ପୂର୍ବତନ ଜାତୀୟ ଆଦିବାସୀ ଅଧକ୍ଷ ଏବଂ ସଂସ୍ଥାପକ ଗୁରୁରାମ ରାଣା, ସମ୍ମାନୀୟ ଅତିଥି ଭାବେ ହଲିବି ସଂଘର ରାଷ୍ଟ୍ରୀୟ କର୍ମକର୍ତ୍ତା କୃଷ୍ଣା ବିହାରୀ ଏବଂଭୁଷଣ ଲାଲ ଗୁରୁ, ରାଜେଶ ଚକ୍ରଧାରୀ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ସ୍ଥାନୀୟ ସଂଘର ବରିଷ୍ଠ କର୍ମକର୍ତା ପୀତବାସ ହାଲବା ପରିଚାଳନା କରିଥିବା ବେଳେ ସଭାପତି ଟଙ୍କଧର ହାଲବା ସମ୍ପାଦକ ଆନନ୍ଦ ହାଲବା ଏବଂ ବିଭିନ୍ନ ବ୍ଲକର ସଭାପତି, ସଦସ୍ୟ, ଯୁବ ସଂଘ, ନାରୀ ସଂଘ ଏବଂ ଅନ୍ୟାନ୍ୟ ସଦସ୍ୟ ମାନେ ଉପସ୍ଥିତ ଥିଲେ । ଏହି ବୈଠକରେ ଅଖିଳ ଭାରତୀୟ ଆଦିବାସୀ ହାଲବା (ହଲବି) ସମାଜ ସହିତ ମିଳିତ ଭାବରେ ଭାରତ ଯୋଡ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସମସ୍ତ ହାଲବା ସମାଜର ସଦସ୍ୟ ମାନେ ଜାତୀୟ ସ୍ତରରେ ଏକତା ବଜାୟ ରଖିବା ସକାଶେ ଭାଷା, ସଂସ୍କୃତି, ଖାଦ୍ୟ, ଜୀବିକା, ଶିକ୍ଷା ଏବଂ ପୁରାତନ ସଂସ୍କୃତିକୁ ବଂଚାଇ ରଖିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା । ଏହିପରି ଅଖିଳ ଭାରତୀୟ ହଲବି ଆଦିବାସୀ ସଂଘର ଶକ୍ତି ବୃଦ୍ଧି ପାଇଁ ପ୍ରତିବର୍ଷ ଡିସେମ୍ବର ୨୬ ତାରିଖରେ ଶକ୍ତି ଦିବସ ପାଳନ କରାଯାଉଛି । ଏହିପରି ଏହି ସମଜାର ସହିଦ ଗେନ୍ଦ ସିଂ ବଳିଦାନ ଦିବସ ଜାୟନୁୟାରୀ ୨୦ ତାରିଖ ପାଳନ କରିବାକୁ ଆହ୍ୱାନ କରାଯିବା ସହିତ ଗ୍ରାମ ଠାକୁରାଣୀ ଏବଂ ଦେବୀ ଦନ୍ତେଶ୍ୱରୀଙ୍କୁ ସ୍ମରଣ କରାଯାଉ ପ୍ରାର୍ଥନା କରାଯାଇଥିଲା ।

ଘାଟିରେ ଓଲଟିଲା ଯାତ୍ରା ପାର୍ଟି ବସ୍, ୨୦ରୁ ଅଧିକ ଆହତ

ଦେବଗଡ,୫/୩(ନି/ପ୍ର): ଦେବଗଡ ଜିଲ୍ଲା ରିଆମାଳ ଥାନା କଂସର ଫାଣ୍ଡି ଅନ୍ତର୍ଗତ ଡଙ୍ଗାପଥର ଘାଟିରେ ଅଭାବନୀୟ ଘଟଣା ଘଟିଛି। ଡଙ୍ଗାପଥର ଘାଟିରେ ଭାରସାମ୍ୟ ହରାଇ ଅପେରା ଓ୍ୱେଷ୍ଟର୍ଣ୍ଣ ଓଡିଶା ଯାତ୍ରା ପାର୍ଟି ବସ ଓଲଟି ପଡିଛି। ଫଳରେ ୨୦ ରୁ ଅଧିକ କଳାକାର ଆହତ ହୋଇଛନ୍ତି । ଡଙ୍ଗାପଥର ଗାଁରୁ ଯାତ୍ରା ସାରି ଘରକୁ ଫେରୁଥିବା ବେଳେ ଏଭଳି ଅଘଟଣ ଘଟିଛି। ବସ୍‌ରେ ଥିବା ସମସ୍ତ କଳାକାର ଆହତ ହୋଇଥିବାବେଳେ କିଛି ଲୋକଙ୍କର ସ୍ୱାସ୍ଥ୍ୟବସ୍ଥା ଗୁରୁତର ରହିଛି । ସ୍ଥାନୀୟ ଲୋକ ତୁରନ୍ତ ଗୁରୁତରଙ୍କୁ ଉଦ୍ଧାର କରି କଂସର ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି। ପ୍ରାଥମିକ ଚିକିତ୍ସା ପରେ ଗୁରୁତର ଆହତଙ୍କୁ ଦେବଗଡ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଛି। ରିଆମାଳ ପୁଲିସ୍ ଘଟଣାସ୍ଥଳରେ ପହଚିଂ ତଦନ୍ତ ଆରମ୍ଭ କରିଛି।

ନବରଙ୍ଗପୁର ଜିଲ୍ଲାର ପୋଲିସକୁ ମିଳିଲା ବଡ଼ ସଫଳତା

ନବରଙ୍ଗପୁର,୫/୩(ନି/ପ୍ର): ନବରଙ୍ଗପୁର ଜିଲ୍ଲା ପୋଲିସକୁ ବଡ ସଫଳତା । ଗତମାସ ୨୨ ତାରିଖରେ ଘଟିଥିବା ବଡ଼ଧରଣର ଡ଼କାୟତି ଘଟଣାରେ ୭ ଜଣ ଡକାୟତଙ୍କୁ ଗିରଫ କରିବା ସହ ନଗଦ ଟଙ୍କା ଓ ସୁନା ଅଳଙ୍କାର ଉଦ୍ଧାର କରିବାରେ ସଫଳ ହୋଇଛି ପୋଲିସ । ନବରଙ୍ଗପୁର ଜିଲ୍ଲା ଅନ୍ତର୍ଗତ ଉମରକୋଟ ସହର ନିକଟସ୍ଥ କଚନିଆମ୍ବା ଗ୍ରାମର ଅମୂଲ୍ୟ ଜେନାଙ୍କ ଘରୁ ଏହି ଚୋରି ହୋଇଥିଲା ।ଏହି ଚୋରି ଘଟଣା ପଛରେ ଅମୂଲ୍ୟଙ୍କ ୨ ଜଣ ସମ୍ପର୍କୀୟ ଥିବା ଜାଣିବାକୁ ପାଇଛି ପୋଲିସ । ଯେଉଁମାନେ କି ଜାଣି ଥିଲେ ଅମୂଲ୍ୟ ଜମି ବିକ୍ରି କରି ଟଙ୍କା ଘରେ ରଖିଛନ୍ତି । ସେତେବେଳେ ଅମୂଲ୍ୟ ୭୦ ଲକ୍ଷ ଟଙ୍କା ଓ ବହୁ ପରିମାଣର ସୁନା ଅଳଙ୍କାର ଚୋରି ହେଇଥିବା ଉମରକୋଟ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଗିରଫ ଡକାୟତମାନେ ହେଲେ ନବରଙ୍ଗପୁର ଥାନା ଅନ୍ତର୍ଗତ ମାଝୀଗୁଡା ଗ୍ରାମର ପାପଡାହାଣ୍ଡି ଥାନା ଅନ୍ତର୍ଗତ ଧରନାବେଢ଼ା ଗ୍ରାମର ଚିତ୍ରସେନ ଗଣ୍ଡ (୩୨) ବର୍ଷ, ବାବୁଲା ରଣା (୩୮), ଗଣେଶ ରଣା (୩୨), ଧୀରଜ୍ ଲାଇଚନ (୩୦), କୋରାପୁଟ ଜିଲ୍ଲା ଅର୍ନ୍ତଗତ ଜୟପୁର ସଦର ଥାନା ଅନ୍ତର୍ଗତ ମାଝିଗୁଡା ଗ୍ରାମର ସିସିଏଲ କୁନାଲ (୧୭), ଘାସି ହରିଜନ ଓ କୋଟପାଡ଼ ଥାନା ଅନ୍ତର୍ଗତ ଝାଲିଆଗୁଡା ଗ୍ରାମର ଶୁକଦେବ ମୁଦୁଲି (୧୯) । ବାବୁଲ ରଣା ଓ ଗଣେଶ ରଣା ଅମୂଲ୍ୟଙ୍କ ସମ୍ପର୍କୀୟ ଅଟନ୍ତି ଯେଉଁମାନେ କି ଘଟଣାର ମୁଖ୍ୟ ଅଭିଯୁକ୍ତ । ଏହି ୨ ଭାଇ ହିଁ ଅମୂଲ୍ୟ ଜମି ବିକ୍ରି କରି ଟଙ୍କା ଘରେ ରଖି ଥିବା କଥା ଜାଣିଥିଲେ । ଅଭିଯୁକ୍ତ ମାନଙ୍କ ଠାରୁ ନଗଦ ୨୧ ଲକ୍ଷ ୩୩ ହଜାର ଟଙ୍କା ଡକାୟତ ସମୟରେ ବ୍ୟବହୃତ ଏରିଟିଗା କାର, ଗୋଟିଏ ସ୍କୁଟି ଓ ବହୁମାତ୍ରାରେ ସୁନା ଅଳଙ୍କାର ଜବତ ହୋଇଛି । ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି ।

ଇସ୍ପାତ ସହରରେ ରଙ୍ଗର ପର୍ବ ହୋଲି ପାଳିତ

ମଟକା ଭାଙ୍ଗିବା ସହ ଅନ୍ୟାନ୍ୟ ରଙ୍ଗୀନ କାର୍ଯ୍ୟକ୍ରମର ଆୟୋଜନ

ରାଉରକେଲା,୫/୩(ନି/ପ୍ର): ରଙ୍ଗର ପର୍ବ ହୋଲି ପାଳନ ଅବସରରେ ସମଗ୍ର ରାଉରକେଲା ସହର ସମେତ ଇସ୍ପାତ ନଗରୀରେ, ରଙ୍ଗର ପର୍ବ ହୋଲି ପାଳନରେ ଛୋଟ ଠାରୁ ବଡ଼ ପର୍ଯ୍ୟନ୍ତ ଲୋକମାନେ ପରସ୍ପରକୁ ରଙ୍ଗ ଲଗାଇ ହୋଲି ପାଳନ କରିଥିଲେ। ସେହିପରି, ରାଉରକେଲା ସହରରେ ମଧ୍ୟ ହୋଲି ପାଇଁ ମଟକା ଫୋଡ଼ ଏବଂ ଅନ୍ୟାନ୍ୟ ରଙ୍ଗୀନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ସକାଳ ଠାରୁ ଲୋକମାନେ ପରସ୍ପରକୁ ଗୁଲାଲ, ଅବିର ଏବଂ ରଙ୍ଗ ଲଗାଇ ହୋଲି ଖେଳିଥିଲେ। ଛୋଟ ପିଲାଙ୍କଠାରୁ ଆରମ୍ଭ କରି ଯୁବକ ଏବଂ ବରିଷ୍ଠ ନାଗରିକଙ୍କ ପର୍ଯ୍ୟନ୍ତ, ସମସ୍ତଙ୍କ ମଧ୍ୟରେ ହୋଲି ପାଇଁ ବହୁତ ଉତ୍ସାହ ଦେଖିବାକୁ ମିଳିଥିଲା। ବିଶେଷକରି ଛୋଟ ପିଲା ରାସ୍ତା ଏବଂ ଗଳି ଅଞ୍ଚଳରେ ରଙ୍ଗ ପିଚକାରୀ, ରଙ୍ଗଭର୍ତ୍ତି ବେଲୁନ ସହିତ ପରସ୍ପରକୁ ରଙ୍ଗ ଲଗାଇବା ଦେଖାଯାଇଥିଲା। ଅନ୍ୟପକ୍ଷରେ, ବାସନ୍ତୀ କଲୋନୀ, ଉଦିତନଗର ସିଭିଲ୍ ଟାଉନସିପ୍, ପାନପୋଷ, ଛେଣ୍ଡ, ପାୱାର ହାଉସ୍ ରୋଡ୍, ମଧୁସୂଦନ ଚୌକ୍ ଏବଂ ମୁଖ୍ୟ ରାସ୍ତା ସମେତ ସହରର ଅନ୍ୟାନ୍ୟ ରାସ୍ତାଗୁଡ଼ିକରେ ଯୁବକମାନେ ପରସ୍ପରକୁ ରଙ୍ଗ ଲଗାଇ ହୋଲି ପାଳନ କରିଥିଲେ ଓ ପରସ୍ପରକୁ ହୋଲିର ଶୁଭେଚ୍ଛା ଜଣାଇଥିଲେ। ବରିଷ୍ଠ ନାଗରିକମାନେ ମଧ୍ୟ ପରସ୍ପରକୁ ଗୁଲାଲ ଏବଂ ଅବିର ଲଗାଇ ହୋଲିର ଶୁଭେଚ୍ଛା ଜଣାଇଥିଲେ। ସହରର କଚେରୀ ରୋଡରେ ଥିବା ଜୈନ ମନ୍ଦିର ସମ୍ମୁଖରେ ଯୁବ ବ୍ୟବସାୟ ସଂଘ ଦ୍ୱାରା ଏକ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ସ୍ଥାନୀୟ କଳାକାରମାନଙ୍କ ଦ୍ୱାରା ହୋଲି ଗୀତ ଗାନ କରାଯାଇଥିଲା। ଏହି ଅବସରରେ ହୋଲି ଲୋକଗୀତ ସହିତ ମଜାଦାର ଗୀତ ଶୁଣିବାକୁ ମିଳିଥିଲା। ଏହି ଅବସରରେ ଲୋକମାନଙ୍କୁ ଥଣ୍ଡାଇ ମଧ୍ୟ ପରିବେଷଣ କରାଯାଇଥିଲା। ସେହିପରି ଓରାମପଡ଼ା ସମେତ ଅନ୍ୟାନ୍ୟ ଅଞ୍ଚଳରେ ମଟକା ଫୋଡ଼ର ଆୟୋଜନ କରାଯାଇଥିଲା, ଯେଉଁଥିରେ ବହୁସଂଖ୍ୟକ ଯୁବକ ଅଂଶଗ୍ରହଣ କରିଥିଲେ। ସେହିପରି ସୁନ୍ଦରଗଡ଼ ଜିଲ୍ଲାର ସେକ୍ଟର, ଦେଓଗାଁ, ବେଦବ୍ୟାସ ଫର୍ଟିଲାଇଜର ଅଞ୍ଚଳରେ ହୋଲିକୁ ନେଇ ଲୋକଙ୍କ ମଧ୍ୟରେ ବହୁତ ଉତ୍ସାହ ଦେଖିବାକୁ ମିଳିଥିଲା। ପୋଲିସ ପ୍ରଶାସନ ଦ୍ୱାରା ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଥିଲା ଏବଂ ପୋଲିସ ଅଧିକାରୀ ଏବଂ ଜବାନମାନଙ୍କ ଦ୍ୱାରା ପାଟ୍ରୋଲିଂ କରାଯାଇଥିଲା।

ସୁରକ୍ଷାବଳଙ୍କୁ ବଡ଼ ସଫଳତା:

ମାଓବାଦୀଙ୍କ ଲ୍ୟାଣ୍ଡମାଇନ କଲେ ନିଷ୍କ୍ରିୟ

ସୁନ୍ଦରଗଡ଼/ବିଶ୍ରା,୫/୩(ନି/ପ୍ର): ସୁନ୍ଦରଗଡ଼ ଜିଲ୍ଲାର ବିଶ୍ରା ବ୍ଲକ ଅଧିନସ୍ଥ ଜରାଇକେଲା ସୀମାନ୍ତରେ ଝାଡ଼ଖଣ୍ଡ ପୁଲିସ ଏବଂ ସିଆରପିଏଫ୍ ଯବାନମାନେ ମାଓବାଦୀଙ୍କ ଏକ ବଡ଼ ଷଡ଼ଯନ୍ତ୍ରକୁ ବିଫଳ କରି ଦେଇଛନ୍ତି। ଜରାଇକେଲା ସ୍ଥିତ ସରଣ୍ଡା ଜଙ୍ଗଲର ବାବୁଡେରା ଠାରେ ଥିବା ମାଟି ରାସ୍ତାକଡ଼ରେ ମାଓବାଦୀଙ୍କ ଦ୍ୱାରା ଲଗା ଯାଇଥିବା ଏକ ଲେଣ୍ଡମାଇନକୁ ସୁରକ୍ଷାବଳ ଚିହ୍ନଟ କରି ସୁରକ୍ଷିତ ଭାବରେ ତାକୁ ନିଷ୍କ୍ରିୟ କରିଦେଇଛନ୍ତି। ମିଳିଥିବା ସୂଚନା ଅନୁସାରେ, ଏହି ବିସ୍ଫୋରକଟି ସୁରକ୍ଷାବଳଙ୍କୁ କ୍ଷତି ପହଚାଂଇବା ଉଦ୍ଦେଶ୍ୟରେ ମାଟି ତଳେ ପୋତା ଯାଇଥିଲା। କିନ୍ତୁ ନକ୍ସଲ ବିରୋଧୀ ଅଭିଯାନ ସମୟରେ ଯବାନମାନେ ଏହାକୁ ଚିହ୍ନଟ କରିଥିଲେ। ଯାହା ପରେ ବୋମ୍ବ ଡିସ୍ପୋଜାଲ୍ ଟିମ୍ ଘଟଣା ସ୍ଥଳକୁ ପହଚିଂ ସମ୍ପୂର୍ଣ୍ଣ ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ଏହି ବୋମାକୁ ନିଷ୍କ୍ରିୟ କରି ଦେଇ ଥିଲେ। ଉଲ୍ଲେଖଯୋଗ୍ୟ ଯେ, ସାରଣ୍ଡା ଜଙ୍ଗଲ ଅଞ୍ଚଳରେ ସୁରକ୍ଷାବଳ ଦ୍ୱାରା ନକ୍ସଲୀମାନଙ୍କ ବିରୋଧରେ ବ୍ୟାପକ ଅଭିଯାନ ଚାଲିଛି। ଯାହା ଫଳରେ ନକ୍ସଲ ସଂଗଠନ କ୍ରମାଗତ ଭାବରେ ଦୁର୍ବଳ ପଡୁଥିବା ଦେଖିବାକୁ ମିଳୁଛି। ସେମାନେ ନିଜ ଅସ୍ତିତ୍ୱ ରକ୍ଷା କରିବା ପାଇଁ ଶେଷ ପର୍ଯ୍ୟନ୍ତ ଚେଷ୍ଟା ଜାରି ରଖିଛି। ଏହି ଘଟଣା ପରେ ଅଞ୍ଚଳରେ ସୁରକ୍ଷା ବ୍ୟବସ୍ଥା ବଢ଼ାଇ ଦିଆ ଯାଇଅଛି ଏବଂ ମାଓ ବିରୋଧୀ କୁମ୍ବିଂ ଅପରେସନକୁ ଆହୁରି ଜୋରଦାର କରାଯାଇଛି।

ରାଜସ୍ଥାନ ପରିଷଦ ଦ୍ୱାରା ହୋଲି ସ୍ନେହ ମିଳନ- ହୁଡଦଙ୍ଗ୍ ୨୦୨୬

ରାଉରକେଲା,୫/୩(ନି/ପ୍ର): ରାଜସ୍ଥାନୀ କଳା ମଚଂ ବିକାନେରର ଆନ୍ତର୍ଜାତୀୟ ଲୋକ କଳାକାରଙ୍କ ଦ୍ୱାରା ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରଙ୍ଗର ପର୍ବ ହୋଲି ଅବସରରେ, ମାରୱାଡ଼ି ସମ୍ପ୍ରଦାୟର ତିନୋଟି ସଂଗଠନ, ରାଜସ୍ଥାନ ପରିଷଦ, ହରିୟାଣା ନାଗରିକ ସଂଘ ଏବଂ ମହାରାଜା ଅଗ୍ରସେନ ସେବା ସଂଘ ବୁଧବାର, ସନ୍ଧ୍ୟା ୭ଟାରେ ଅମର ଭବନ ପରିସରରେ ହୋଲି ସ୍ନେହ ମିଳନ ହୁଡଦଙ୍ଗ୍-୨୦୨୬ର ଏକ କାର୍ଯ୍ୟକ୍ରମ ଆୟୋଜନ କରିଥିଲେ। ଏହି ଅବସରରେ, ତିନୋଟି ସଂଗଠନର ସଭାପତି ଏବଂ ପଦାଧିକାରୀମାନେ ଭଗବାନ ଗଣେଶଙ୍କ ପ୍ରତିମା ସମ୍ମୁଖରେ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏହି ଅବସରରେ, ରାଜସ୍ଥାନ ପରିଷଦର ପୃଷ୍ଠପୋଷକ ଗୋପାଳ ବାଗାଡିଆ, ସଭାପତି ଜୁଗଲ ମାରୋଥିଆ, ହରିୟାଣା ନାଗରିକ ସଂଘର ସଭାପତି ସଞ୍ଜୟ ଅଗ୍ରୱାଲ, ମହାରାଜା ଅଗ୍ରସେନ ସେବା ସଂଘର ସଭାପତି ଓମ ପ୍ରକାଶ ବାପୋଡିଆ ଏବଂ କାର୍ଯ୍ୟକ୍ରମ ସଭାପତି ମନୋଜ ଅଗ୍ରୱାଲଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ମାନିତ କରାଯାଇଥିଲା। ଏହା ପରେ, ରାଜସ୍ଥାନୀ କଳା ମଚଂ ବିକାନେରର ଆନ୍ତର୍ଜାତୀୟ ଲୋକ କଳାକାରଙ୍କ ଦ୍ୱାରା ଏକ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା, ଯେଉଁଥିରେ ରାଜସ୍ଥାନର ବାର୍ମେଲର ସୁଫି ଗାୟକ ପାପେ ଖାନ ଏବଂ ମୁମ୍ବାଇର ଗଙ୍ଗା ପଚିଂସିଆ ଏବଂ ରନଚ୍ଛୋଜୀଙ୍କ ଦଳ ପ୍ରତିଦିନ ଅନ୍ୟ ରାଜସ୍ଥାନୀ ଗୀତ ଏବଂ ସେମାନଙ୍କର କଳାକାରମାନଙ୍କ ଦ୍ୱାରା ଉପସ୍ଥାପନ କରିଥିଲେ। ଯାହାକୁ ସମ୍ପ୍ରଦାୟର ଲୋକମାନେ ବହୁତ ପ୍ରଶଂସା କରିଥିଲେ ଏବଂ ପ୍ରବେଶ କୁପନର ଏକ ଲକି ଡ୍ର ମଧ୍ୟ କରାଯାଇଥିଲା। ଏହି ଅବସରରେ, ଥଣ୍ଡାଇ ଏବଂ ହାଲୁକା ଖାଦ୍ୟ ଏବଂ ସ୍ୱାଦିଷ୍ଟ ଖାଦ୍ୟର ବ୍ୟବସ୍ଥା କରାଯାଇଥିଲା। ରାଜସ୍ଥାନ ପରିଷଦର ସଚିନ ଲଳିତ କେଜରିୱାଲ, ଉପାଧ୍ୟକ୍ଷ ବିନୋଦ ନାରେଡି ନରେନ୍ଦ୍ର କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। କେଡିଆ କୋଷାଧ୍ୟକ୍ଷ ମୁକେଶ ରାଜ କେଡିଆ, ଯୁଗ୍ମ ସମ୍ପାଦକ ବିନୟ ଶର୍ମା, ପୂର୍ବତନ ସଭାପତି ସନ୍ତୋଷ ପାରିକ, ମହାବୀର ଟୋଡି, ବଦ୍ରି ନାରାୟଣ ମାହେଶ୍ୱରୀ, ତରୁଣ ମାଲାନି, ଅରୁଣ ପାରିକ, ସନ୍ତୋଷ ଅଗ୍ରୱାଲ, ଶୈଳେନ୍ଦ୍ର ମାରୋଥିଆଙ୍କ ସହିତ ବରିଷ୍ଠ ସଦସ୍ୟ ଏବଂ କାର୍ଯ୍ୟନିର୍ବାହୀ ସଦସ୍ୟମାନେ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ତିନି ସମ୍ପ୍ରଦାୟର ବହୁ ସଂଖ୍ୟାରେ ଲୋକ ସେମାନଙ୍କ ପରିବାର ସହିତ ଅଂଶଗ୍ରହଣ କରିଥିଲେ, ଯେତେବେଳେ ଧନ୍ୟବାଦ ବିନୋଦ ନାରେଡି ପ୍ରଦାନ କରିଥିଲେ।

ପ୍ରବାଦପୁରୁଷ ବିଜୁବାବୁଙ୍କ ୧୧୦ତମ ଜୟନ୍ତୀ ପାଳିତ

ରାଉରକେଲା,୫/୩(ନି/ପ୍ର): ଆଜି ଓଡିଶାର ବରପୁତ୍ର,ପ୍ରବାଦ ପୁରୁଷ,ସ୍ୱାଧୀନତା ସଂଗ୍ରାମୀ ବିଜୁବାବୁଙ୍କର, ରାଉରକେଲା ବିଜୁ ଜନତା ଦଳ ତରଫରୁ ୧୧୦ତମ ଜୟନ୍ତୀ ପାଳନ କରାଯାଇଅଛି। ରାଜ୍ୟ ବିଜେଡ଼ି ସଭାପତି ନବୀନ ବାବୁଙ୍କ ଡାକରାରେ ଭୁବନେଶ୍ୱର ଯାଇଥିବା,ରାଉରକେଲାର ମାନ୍ୟବର ବିଧାୟକ ସାରଦା ପ୍ରସାଦ ନାୟକଙ୍କ ନିର୍ଦ୍ଦେଶ ଅନୁଯାଇ,ପ୍ରତିବର୍ଷ ପରି ଚଳିତବର୍ଷ,ଛେଣ୍ଡ କଲୋନୀ କଳିଙ୍ଗବିହାର ସ୍ଥିତ ବିଜୁବାବୁଙ୍କ ପ୍ରତିମୂର୍ତ୍ତି ନିକଟରେ ଦଳର ବରିଷ୍ଠ,ମହିଳା,ଯୁବଓ ଛାତ୍ର ନେତା ତଥା କର୍ମୀ ମାନଙ୍କ ଦ୍ୱାରା ବିଜୁ ଜୟନ୍ତୀ ଆନନ୍ଦ ଉଲ୍ଲାସରେ ପାଳିତ ହୋଇଯାଇଛି। ଛେଣ୍ଡ କଲୋନୀର ବରିଷ୍ଠ ବିଜେଡ଼ି ନେତା କାଶୀନାଥ ଲେଙ୍କାଙ୍କ ବିୟୋଗ ଯୋଗୁ ,ତାଙ୍କ ପବିତ୍ର ଆତ୍ମାର ସଦ୍ଗତି ନିମନ୍ତେ ଦୁଇ ମିନିଟ ନୀରବ ପ୍ରାର୍ଥନା ହୋଇଥିଲା। ନଗର ସଭାପତି ଗଗନ ପଣ୍ଡାଙ୍କ ସଭାପତିତ୍ୱରେ,ପ୍ରଥମେ ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଓ ପୂଜା ଅର୍ଚ୍ଚନା କରାଯାଇ ବିଜୁବାବୁ ଅମର ରହେ ଶ୍ରୋଗାନରେ ସଭାସ୍ଥଳୀ ପ୍ରକମ୍ପିତ ହୋଇଥିଲା। ଉନ୍ନତ ତଥା ପ୍ରଗତିଶୀଳ ଓଡିଶାର ସ୍ୱପ୍ନ ଦେଖି ତାକୁ ଅନେକାଂଶରେ ସାକାର କରିଥିବା ବିଜୁବାବୁଙ୍କ ଜୀବନୀ ଉପରେ ବରିଷ୍ଠ ଆଇନଜୀବୀ, ଜିଲ୍ଲାର ଉପସଭାପତି ସୁଦାମ ଦାଶ ନିଜ ବକ୍ତବ୍ୟରେ ନୂତନ ଓଡିଶା ଗଠନ,ତଥା ଓଡ଼ିଶାକୁ ବିଶ୍ୱଦରବାରରେ ସୁପରିଚିତ କରାଇଥିବା ବ୍ୟକ୍ତି ହେଉଛନ୍ତି ବିଜୁପଟ୍ଟନାୟକ,ବିଶିଷ୍ଟ ସମାଜ ସେବି ଅଭୟ କୁମାର ଦାସ ନିଜ ବକ୍ତବ୍ୟରେ ସ୍ୱାଭିମାନୀ ଓ ଓଡିଆ ପରିଚୟ, ବିକାଶମୂଖୀ ଚିନ୍ତାଧାରା,ଜାତୀୟ ଏକତା ଓ ସେବା ଭାବ ବିଜୁବାବୁଙ୍କର ମୂଳମନ୍ତ୍ର ଥିଲା। ତାଙ୍କର ଜୀବନ ଓ ଆଦର୍ଶ ଅଜୀବୀ ଓଡିଶା ଓ ଭାରତ ଲୋକଙ୍କୁ ପ୍ରେରଣା ଦେଉଛି ବୋଲି କହିଥିଲେ। ଅନ୍ୟମାନଙ୍କ ଭିତରେ ଅକ୍ଷୟ କୁମାର ଦାସ, ରାଜେନ୍ଦ୍ର କୁଜୁର,ଆଲୋକ କୁମାର ବୋଷ,ଶିବଚ୍ଛ କୁଅଂର, ବରିଷ୍ଠ ଆଇନିଜୀବୀ ସନ୍ତୋଷ ନାୟକ, ନାରିନେତ୍ରୀ ଜୋଷଣା ନାୟକ, ବିଜୁ ମହିଳା ସମିତିର ସଭାପତି ତାରେଣୀ ଶେଠୀ,ଅଗଣି ଦାସ ପ୍ରମୁଖ ବିଜୁବାବୁଙ୍କ ଜୀବନୀ ତଥା ଓଡିଶା ପ୍ରତି ଅବଦାନ ବିଷୟରେ ଆଲୋକ ପାତ କରିଥିଲେ। କାର୍ଯ୍ୟକ୍ରମରେ ବିରେନ ସେନାପତି, ଅକ୍ଷୟ ନାୟକ, କମଳି ସ୍ୱାଇଁ,ଆର କେ ମିଶ୍ର,ବରିଷ୍ଠ ଆଇନିଜୀବୀ ହାଡିବନ୍ଧୁ ପରିଡା,ଗୋବିନ୍ଦ ଚନ୍ଦ୍ର ଅଗ୍ରୱାଲ,ରାଜ୍ୟ ଯୁବ ସାଧାରଣ ସମ୍ପାଦକ ସୁଶାନ୍ତ ଦାସ,ପିନକୁ ଜୟସ୍ୱଳ,ରଞ୍ଜନ ନାୟକ,ଡି ଅଭୀକ କୁମାର, ସୁଧାଂଶୁ ସାମଲ,ସୁଶାନ୍ତ ରାଉତ,ସଞ୍ଜିତ ଛୋଟରାୟ,ପ୍ରଣୟ ନାୟକ,ନଳିନ ରାଉତ,ରଞ୍ଜନ ସାମଲ,ତରେନିସେନ ବାରିକ, ଅମରେଶ ପାନିଗ୍ରାହୀ, ପ୍ରମୋଦ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ବରିଷ୍ଠ ନେତା ଜୟନ୍ତ କୁମାର ମିଶ୍ର କାର୍ଯ୍ୟକ୍ରମ ସଫଳ ହୋଇଥିବାରୁ ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ।

ବିଏମସି ପକ୍ଷରୁ ଜନ ଶୁଣାଣି

ଭୁବନେଶ୍ୱର, ୫/୩: ଭୁବନେଶ୍ୱର ମହାନଗର ନିଗମ ପକ୍ଷରୁ ସୋମବାର ଜନ ଶୁଣାଣି ବିଏମ୍ ସି ମୁଖ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ କମିଶନର ରତ୍ନାକର ସାହୁ ଲୋକମାନଙ୍କର ଅଭିଯୋଗ ଶୁଣିବା ସହ ସେମାନଙ୍କ ସମସ୍ୟାର ତୁରନ୍ତ ଆଇନ ଅନୁଯାୟୀ ସମାଧାନ କରିବା ପାଇଁ ଉପସ୍ଥିତ ଉପବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ରାଷ୍ଟ୍ରଦୀପର ସାପ୍ତାହିକ ୩୨ତମ ବସନ୍ତ ମିଳନ ଉତ୍ସବ

‘୧୦୦ ବର୍ଷ ସଂଘ ଯାତ୍ରା ବିଶେଷାଙ୍କ’ ଉନ୍ମୋଚନ

କଟକ,୫/୩(ନି/ପ୍ର): କଟକ ସ୍ଥିତ ସହିଦ ଭବନ ଠାରେ ରାଷ୍ଟ୍ରଦୀପ ସାପ୍ତାହିକ ପକ୍ଷରୁ ୩୨ତମ ବସନ୍ତ ମିଳନ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ରାଷ୍ଟ୍ରଦୀପ ପରିଚାଳନା ସମିତିର ଉପ-ସଭାପତି ଦିଲୀପ କୁମାର ମହାନ୍ତି ଉତ୍ସବରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବରେ ବିଶିଷ୍ଟ ଭାସ୍କର୍ଯ୍ୟ ଶିଳ୍ପୀ ପଦ୍ମଶ୍ରୀ ଅଦ୍ୱୈତ ଚରଣ ଗଡ଼ନାୟକ ଉପସ୍ଥିତ ରହି ରାଷ୍ଟ୍ରଦୀପ ସହ ତାଙ୍କ ପରିଚୟ ତଥା ବର୍ତ୍ତମାନର ଯୁବପିଢ଼ିଙ୍କ ପାଇଁ ରାଷ୍ଟ୍ରଦୀପର ମାର୍ଗଦର୍ଶନ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ମୁଖ୍ୟବକ୍ତା ଭାବରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଅଖିଳ ଭାରତୀୟ ସହପ୍ରଚାର ପ୍ରମୁଖ ପ୍ରଦୀପ ଯୋଶୀ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଶତାବ୍ଦୀ ବର୍ଷରେ ରାଷ୍ଟ୍ରଦୀପ ଭଳି ରାଷ୍ଟ୍ରୀୟ ଚିନ୍ତାଧାରାରେ ଉଦ୍‌ବୁଦ୍ଧ ପତ୍ରିକାମାନଙ୍କର ମହତ୍ୱପୂର୍ଣ୍ଣ ଭୂମିକା ତଥା ସମାଜରେ ତା’ର ପ୍ରଭାବ ନେଇ ନିଜ ବକ୍ତବ୍ୟରେ ଆଲୋକପାତ କରିଥିଲେ। ଏହି ଭବ୍ୟ ଉତ୍ସବରେ ଅତିଥିମାନଙ୍କ କରକମଳରେ ରାଷ୍ଟ୍ରଦୀପର ବାସନ୍ତିକ ବିଶେଷାଙ୍କ ‘୧୦୦ ବର୍ଷ ସଂଘ ଯାତ୍ରା’ ଉନ୍ମୋଚନ କରାଯାଇଥିଲା। ଓଡ଼ିଶାର ଗଣ୍ୟମାନ୍ୟ ବୁଦ୍ଧିଜୀବୀ ତଥା ଶିକ୍ଷାବିତ୍ ଡ. ବାଞ୍ଛାନିଧି ପଣ୍ଡାଙ୍କୁ ଶ୍ରେଷ୍ଠ ପ୍ରାବନ୍ଧିକ ସମ୍ମାନରେ, ଡ. ସତ୍ୟନାରାୟଣ ଠାକୁରଙ୍କୁ ଶ୍ରେଷ୍ଠ ସ୍ତମ୍ଭଲେଖକ, ପ୍ରତିଭା ପ୍ରିୟଦର୍ଶିନୀଙ୍କୁ ଶ୍ରେଷ୍ଠ ସ୍ତମ୍ଭକାର ପ୍ରସନ୍ନ କୁମାର ବିଶ୍ୱାଳଙ୍କୁ ଶ୍ରେଷ୍ଠ ଲେଖକ, ସୁଶୀଳ କୁମାର ମହାନ୍ତିଙ୍କୁ ଶ୍ରେଷ୍ଠ ବିତରକ ଏବଂ ଗଗନ ବେହେରାଙ୍କୁ ମଧ୍ୟ ଶ୍ରେଷ୍ଠ ବିତରକ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଉତ୍ସବର ପ୍ରାରମ୍ଭରୁ ସରସ୍ୱତୀ ଶିଶୁବିଦ୍ୟାମନ୍ଦିର, ତୁଳସୀପୁରର ଛାତ୍ରଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିବା ବେଳେ ସାଇ ସାର୍ଥକ ପ୍ରଧାନ ବ୍ୟକ୍ତିଗତ ସଂଗୀତ ଗାନ କରିଥିଲେ। ସହ-ସମ୍ପାଦିକା ପ୍ରଜ୍ଞା ପରିମିତା ଆଚାର୍ଯ୍ୟ ମଚଂ ପରିଚାଳନା କରିଥିଲେ ଏବଂ ରାଷ୍ଟ୍ରଦୀପ ପରିଚାଳନା ସମିତିର ସମ୍ପାଦକ ସତ୍ୟନାରାୟଣ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ରାଷ୍ଟ୍ରଦୀପର ପରିଚାଳକ ଜ୍ୟୋତି ପ୍ରକାଶ ମିଶ୍ର, ବ୍ୟବସ୍ଥା ପ୍ରମୁଖ କୁଳମଣି ପ୍ରଧାନ, କୋଷାଧ୍ୟକ୍ଷ ଆଶୁତୋଷ ମହାପାତ୍ର, କରୁଣାକର ସ୍ୱାଇଁ, ଅରଜିତ୍ ପାଣ୍ଡେ, ବିକ୍ରମ ରାଉତ, ଗଣନାଥ ଲେଙ୍କା ଆଦିଙ୍କ ସହଯୋଗରେ ସଭାକାର୍ଯ୍ୟ ସଫଳ ହୋଇପାରିଥିଲା। ଏତଦ୍‌ବ୍ୟତୀତ ବହୁ ଲେଖକ, ସାମ୍ବାଦିକ, ପାଠକ/ପାଠିକା, ଶୁଭେଚ୍ଛୁ, ବୁଦ୍ଧିଜୀବୀ ତଥା ଗଣ୍ୟମାନ୍ୟ ବ୍ୟକ୍ତିବିଶେଷ ଉପସ୍ଥିତ ରହି ସଭାଟିକୁ ମହିମା ମଣ୍ଡିତ କରିଥିଲେ। ଶେଷରେ ବନ୍ଦେ ମାତରମ୍ ଗାନ କରାଯାଇ କାର୍ଯ୍ୟକ୍ରମ ସାଙ୍ଗ କରାଯାଇଥିଲା।

ଜିଲ୍ଲାପାଳଙ୍କ ଜନ ଅଭିଯୋଗ ଶୁଣାଣି ଶିବିର

ଖୋର୍ଦ୍ଧା, ୫/୩(ନି/ପ୍ର):ସ୍ଥାନୀୟ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ସୋମବାର ଜିଲ୍ଲାପାଳ ଏବଂ ଜିଲ୍ଲା ମାଜିଷ୍ଟ୍ରେଟ ଅମ୍ରିତ୍ ଋତୁରାଜ ଏବଂ ଆରକ୍ଷୀ ଅଧିକ୍ଷକ ବିବେକାନନ୍ଦ ଶର୍ମାଙ୍କ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଜନଶୁଣାଣି ଶିବିରରେ ଅତିରିକ୍ତ ଜିଲ୍ଲାପାଳ(ପ୍ରଶାସନ) ପ୍ରତାପ ଚନ୍ଦ୍ର ବେଉରା, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ଜ୍ୟୋତି ଶଙ୍କର ସାହୁ, ଉପଜିଲ୍ଲାପାଳ ସଂକଳ୍ପ ସ୍ୱସ୍ତିକ ସାହୁ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସଞ୍ଜୟ ଚନ୍ଦ୍ର ରାୟ ପ୍ରମୁଖ ଯୋଗଦେଇଥିଲେ କ୍ଷ ଜିଲ୍ଲାପାଳ ଏବଂ ଜିଲ୍ଲା ମାଜିଷ୍ଟ୍ରେଟ କହିଲେ ଯେ, ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ସୁଶାସନ ବ୍ୟବସ୍ଥାର ଏକ ପ୍ରମୁଖ ଅଙ୍ଗ। ଏଣୁ ପ୍ରତ୍ୟେକ ଅଧିକାରୀ ନିଜ କାର୍ଯ୍ୟାଳୟ ଅଧୀନ କୌଣସି ଅଭିଯୋଗର ସମାଧାନକୁ ସ୍ଥଗିତ ନରଖି ସମାଧାନ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦେଇଥିଲେ।

ଆନ୍ତ ଇସ୍ପାତ ସ୍ପୋର୍ଟ୍ସ ବୋର୍ଡ, ଇଣ୍ଟର-ଷ୍ଟିଲ୍ ବାସ୍କେଟବଲ୍ ଚାମ୍ପିଅନସିପ୍ -୨୦୨୫-୨୬ରେ ଆରଏସପି ଦଳ ବିଜେତା ଘୋଷିତ

ରାଉରକେଲା,୫/୩(ନି/ପ୍ର): ରାଉରକେଲା ଷ୍ଟିଲ୍ ପ୍ଲାଂଟ, ରାଉରକେଲା ଠାରେ ଅନୁଷ୍ଠିତ ଷ୍ଟିଲ୍ ପ୍ଲାଂଟ ସ୍ପୋର୍ଟ୍ସ ବୋର୍ଡ (ଏସପିଏସବି) ଇଣ୍ଟର-ଷ୍ଟିଲ୍ ବାସ୍କେଟବଲ୍ ଚାମ୍ପିଅନସିପ୍ ୨୦୨୫-୨୬ ର ବିଜେତା ଭାବରେ ଉଭା ହୋଇଛି। ଶ୍ରୀ ତରୁଣ ମିଶ୍ର, ଋଡ (ଐଜ) ସମାପନ ସମାରୋହର ମୁଖ୍ୟ ଅତିଥି ରୂପେ ଯୋଡା ଦେଇ ବିଜେତା ଏବଂ ରନର୍ସ-ଅପ୍ ଦଳଗୁଡ଼ିକୁ ଟ୍ରଫି ପ୍ରଦାନ କରିଥିଲେ। ଏହି ଅବସରରେ ଶ୍ରୀ ବି.କେ. ଜୋଜୋ, ଉଏଗ (ଞ୍ଚର ଏବଂ ଉଦ୍ୟାନ କୃଷି) ଏବଂ ପ୍ଲାଂଟର ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ଅବସରରେ ଶ୍ରୀ ମିଶ୍ର ବିଜେତାମାନଙ୍କୁ ଏବଂ ବିଭିନ୍ନ ଷ୍ଟିଲ୍ ପ୍ଲାଂଟର ଅଂଶଗ୍ରହଣକାରୀ ଦଳଗୁଡ଼ିକୁ ଅଭିନନ୍ଦନ ଜଣାଇ, ଖେଳାଳିମାନଙ୍କୁ ସେମାନଙ୍କର ଆଗ୍ରହ ଏବଂ ପ୍ରଦର୍ଶନ ପାଇଁ ପ୍ରଶଂସା କରିଥିଲେ। ସେ ଗୁରୁତ୍ୱାରୋପ କରିଥିଲେ ଯେ ଏପରି ଚାମ୍ପିଅନସିପ୍ କେବଳ ଫିଟନେସ୍ ଏବଂ ଶୃଙ୍ଖଳାର ସଂସ୍କୃତିକୁ ପ୍ରୋତ୍ସାହିତ କରେ ନାହିଁ ବରଂ ଇସ୍ପାତ ଭାଇଚାରାର ସୌହାର୍ଦ୍ଦ୍ୟ ଏବଂ ଏକତାକୁ ମଧ୍ୟ ସୁଦୃଢ଼ କରେ। ଏକ ସ୍ପନ୍ଦନଶୀଳ ମହାସମାବେଶରେ, ଜଝଚ ୮୩-୭୨ ପଏଣ୍ଟର ପ୍ରଭାବଶାଳୀ ସ୍କୋର ସହିତ ଟାଟା ଷ୍ଟିଲ୍‌କୁ ପରାଜିତ କରିଥିଲା। ସେମିଫାଇନାଲରେ ଏକ ରୋମାଚଂକର ମୁକାବିଲାରେ ଔଝଡ ସହିତ ମୁହାଁମୁହିଁ ହେବା ପରେ ଜଝଚ ଫାଇନାଲରେ ପହଚିଂଥିଲା, ଯେତେବେଳେ କି ଦୁର୍ଗାପୁର ଷ୍ଟିଲ୍ ପ୍ଲାଂଟ ଫାଇନାଲରେ ସ୍ଥାନ ପାଇବା ପାଇଁ ଟାଟା ଷ୍ଟିଲ୍ ସହିତ ପ୍ରତିଦ୍ୱନ୍ଦିତା କରିଥିଲା। ଉକ୍ତ ତିନି ଦିନିଆ ଚାମ୍ପିଅନସିପ୍ ୨୮ ଫେବୃଆରୀ, ୨୦୨୬ ରେ ସମାପନ ହୋଇଥିଲା। ଏହି ଟୁର୍ଣ୍ଣାମେଣ୍ଟରେ ଆୟୋଜକ ଜଝଚ ସହିତ ବୋକାରୋ ଷ୍ଟିଲ୍ ପ୍ଲାଂଟ, ଭିଲାଇ ଷ୍ଟିଲ୍ ପ୍ଲାଂଟ, ଦୁର୍ଗାପୁର ଷ୍ଟିଲ୍ ପ୍ଲାଂଟ, ଓଓଝଉଡ ଷ୍ଟିଲ୍ ପ୍ଲାଂଟ, ଟାଟା ଷ୍ଟିଲ୍, ଓ ଔଝଡ ପ୍ରତିନିଧିତ୍ୱ କରିଥିଲେ। ଏହି ଟୁର୍ଣ୍ଣାମେଣ୍ଟରେ କ୍ରୀଡା ଉତ୍କର୍ଷ ସହିତ ପାରସ୍ପରିକ ସୌହାର୍ଦ୍ଦ୍ୟ ଏବଂ ସମସ୍ତ ଇସ୍ପାତ କାରଖାନା ମଧ୍ୟରେ ଏକ ପ୍ରଭାବଶାଳୀ ସମ୍ପର୍କ ପ୍ରଦର୍ଶିତ ହେଇଥିଲା ସମାପନ କାର୍ଯ୍ୟକ୍ରମର ସଂଯୋଜନା ଶ୍ରୀଯୁକ୍ତ ଆର ଏନ ପାଢୀ, ଡେପୁଟି ମ୍ୟାନେଜର (କ୍ରୀଡା) କରିଥିବା ବେଳେ, ଟୁର୍ଣ୍ଣାମେଣ୍ଟର ସଂଯୋଜନା କରିଥିଲେ ସହାୟକ ପରିଚାଳକ (କ୍ରୀଡା) ଶ୍ରୀଯୁକ୍ତ ବୁଧୁ ସିଂ।